ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK

ପର୍ଯ୍ୟବେକ୍ଷକ

Vol.26 . No.179 Bhubaneswar Thursday August 24 2023 | ୨୬ତମ ବର୍ଷ ସଂଖ୍ୟା-୧୭୯ ଭୁବନେଶ୍ୱର, ଗୁରୁବାର, ଅଗଷ୍ଟ ୨୪, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS


# ସ୍ୱପ୍ନ ସାକାର, ଜହ୍ନରେ ଲେଖା ହେଲା ଭାରତ ନାଁ

ଭୁବନେଶ୍ୱର, ୨୩।୮(ପି.ଏନ): ସବୁଠି ଖୁସି ଆଉ ଖୁସି... ହର୍ଷ ଉଲ୍ଲାସରେ ଫାଟି ପଡୁଛି ପୂରା ଦେଶ। ଇସ୍‌ରୋ ରଚିଛି ଇତିହାସ, ଚନ୍ଦ୍ରପୃଷ୍ଠରେ ଭାରତର ଭୌଗୋଳିକ ରେଖା ଆଙ୍କିବାରେ ହୋଇଛି ସଫଳ। ଆଜି ଚନ୍ଦ୍ରଯାନ-୩ ଚନ୍ଦ୍ରପୃଷ୍ଠରେ କରିଛି ସଫ୍ଟ ଲ୍ୟାଣ୍ଡିଂ। ଏହି ସଫଳତା ପରେ ଭାରତର ଚନ୍ଦ୍ରଯାତ୍ରା ସ୍ୱପ୍ନ ସାକାର ହୋଇଛି। ଆଉ ବିଶ୍ୱର ପ୍ରଥମ ଦେଶ ଭାବେ ଚନ୍ଦ୍ରର ଦକ୍ଷିଣ ମେରୁରେ ପହଞ୍ଚିଛି ଭାରତ। ମହାକାଶ ଅନୁସନ୍ଧାନର ଇତିହାସ ପୃଷ୍ଠାରେ ଇସ୍‌ରୋ ଯୋଡ଼ିଛି ଏହି ସ୍ୱର୍ଣ୍ଣିମ ଅଧ୍ୟାୟ। ବଦଳାଇ ଦେଇଛି ଚନ୍ଦ୍ରମାରେ ଭୌଗୋଳିକ କ୍ଷେତ୍ର। ବର୍ଷ ବର୍ଷ ଧରି ଯେଉଁ ଅପେକ୍ଷା ଥିଲା ତାର ମିଠା ଫଳ ଚାଖିଛନ୍ତି ପୂରା ଦେଶବାସୀ। ଦୁଇ ଦୁଇଟି ପରୀକ୍ଷଣ ବିଫଳ ହେବା ପରେ ଶେଷରେ ଇସ୍‌ରୋର ତୃତୀୟ ପ୍ରଚେଷ୍ଟା ସଫଳ ହୋଇଛି। ଆଜି ସନ୍ଧ୍ୟା ୬ଟା ୪ ମିନିଟରେ ଚନ୍ଦ୍ରପୃଷ୍ଠର ଦକ୍ଷିଣ ମେରୁରେ ଲ୍ୟାଣ୍ଡର ବିକ୍ରମର ନରମ ଅବତରଣ ହୋଇଛି। ଏହାପରେ ରୋଭର ପ୍ରଜ୍ଞାନ ଲ୍ୟାଣ୍ଡରଠୁ ଅଲଗା ହୋଇଯାଇଛି।ଆସନ୍ତା ୧୪ ଦିନ ପର୍ଯ୍ୟନ୍ତ ଚନ୍ଦ୍ରପୃଷ୍ଠରେ ଘୂରି




ବୁଲିବ ରୋଭର୍। ଏହି ସମୟରେ ଇସ୍‌ରୋ ଆଶା କରୁଥିବା ଚନ୍ଦ୍ରପୃଷ୍ଠର ବିଭିନ୍ନ ସୂଚନା ପଠାଇବ। ଜହ୍ନ ରାଇଜରେ ଜଳର ଅନୁସନ୍ଧାନ ସହ ବାୟୁମଣ୍ଡଳୀୟ ସୂଚନା ମଧ୍ୟ ଦେବ ରୋଭର୍। ଜହ୍ନରେ ଜଳର ଉପସ୍ଥିତି ଭବିଷ୍ୟତ ମୁନ୍ ମିଶନ୍ ପାଇଁ ସହାୟକ ହେବ ବୋଲି ଆଶା କରାଯାଉଛି। ଏଠାରେ ଥିବା ଜଳ ପାନୀୟ ଭାବରେ ବ୍ୟବହାର ହୋଇପାରିବ କି ନାହିଁ, ଏଠାରେ ଅମ୍ଳଜାନ ପ୍ରସ୍ତୁତି କରାଯାଇ ପାରିବ କି ନାହିଁ, ଏଭଳି ବିଭିନ୍ନ ଦିଗ ଉପରେ ଅନୁସନ୍ଧାନ କରିବ ଇସ୍‌ରୋ। ସେହିପରି ଏହି ସଫଳତା ମଧ୍ୟ ମହାସାଗରର ଉତ୍ପତ୍ତି ବିଷୟରେ ସୂଚନା ଦେଇପାରେ।

## ଟ୍ରେନ୍ ରେ ଗଞ୍ଜେଇ ଚାଲାଣ ପୂର୍ବରୁ ଚଢ଼ଉ : ଜଣେ ଗିରଫ

ଗଞ୍ଜାମ, ୨୩।୮(ପି.ଏନ): ଟ୍ରେନ୍ ଯୋଗେ ମୁମ୍ବାଇ ଗଞ୍ଜେଇ ଚାଲାଣ ଯୋଜନା ବେଳେ ଛତ୍ରପୁର ଅବକାରୀ ଭ୍ରାମ୍ୟମାଣ ସଂସ୍ଥାର ଏକ ଟିମ୍ ଛତ୍ରପୁର ରେଳଷ୍ଟେସନରେ ଚଢ଼ଉ କରି ଜଣେ ଯୁବକକୁ ଗିରଫ କରିବାରେ ସଫଳ ହୋଇଛନ୍ତି । ଅଭିଯୁକ୍ତ ଜଣକ ହେଉଛି ଗୋଳନ୍ଥରା ଥାନା ଅଂଚଳର ସି.ଏଚ. ପାପେୟା ପାତ୍ର ଠାରୁ ୧୦୫ କେଜି ଓଜନର ଗଞ୍ଜେଇ ଓ ଏକ ବାଇକ୍ ଜବତ ହୋଇଛି । ପାପେୟା ଏହି ଗଞ୍ଜେଇ ଗଜପତି ଓ ଫୁଲବାଣୀରୁ ଆଣିଥିଲା । ମୁମ୍ବାଇ ଚାଲାଣ ପାଇଁ ସେ ଷ୍ଟେସନରେ ଟ୍ରେନ୍ କୁ ଅପେକ୍ଷା କରିଥିବା ବେଳେ ଅବକାରୀ ଅଧିକ୍ଷକ ଦେବୀପ୍ରସାଦ ଦାଶଙ୍କ ନିର୍ଦ୍ଦେଶ କ୍ରମେ ଏକ ଟିମ୍ ଚଢ଼ଉ କରି ତାକୁ କାବୁ କରିଥିଲେ । ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧ ଲକ୍ଷ ୫ ହଜାର ଟଙ୍କା ହେବ ବୋଲି ଜଣାପଡିଛି । ଛତ୍ରପୁର ଅବକାରୀ ଭ୍ରାମ୍ୟମାଣ ସଂସ୍ଥାର ଏସଆଇ ସୂର୍ଯ୍ୟନାରାୟଣ ରଥ, ରବିନ୍ଦ୍ରନାଥ ବିଶ୍ୱାଳ, କୁମୁଦ ଚନ୍ଦ୍ର ନାୟକ, କେ. ହେମବତୀ ରେଡ୍ଡି, ସୁରଜିତ୍ ପ୍ରଧାନ ଧନଞ୍ଜୟ ଦାଶ ଓ ପବିତ୍ର ସାହୁ ପ୍ରମୁଖ ଏହି ଚଢ଼ଉରେ ସାମିଲ୍ ଥିଲେ ।

## ଚନ୍ଦ୍ରଯାନ-୩ ଅଭିଯାନ ସଫଳ ପାଇଁ ଶୁଭେଚ୍ଛା ଜଣାଇଲେ କେନ୍ଦ୍ରମନ୍ତ୍ରୀ

ନୂଆଦିଲ୍ଲୀ, ୨୩।୮(ପି.ଏନ) : କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଚନ୍ଦ୍ରପୃଷ୍ଠରେ ଚନ୍ଦ୍ରଯାନ-୩ର ସଫଳ ଅବତରଣ ନେଇ ଖୁସି ପ୍ରକାଶ କରିବା ସହ ଇସ୍‌ରୋ ସମେତ ଦେଶର ବୈଜ୍ଞାନିକ ସମୂହ ଓ ଦେଶବାସୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ, ଅମୃତକାଳର ପ୍ରାରମ୍ଭରେ ଏହା ଅବିସ୍ମରଣୀୟ ଉପଲବ୍ଧି । ଚନ୍ଦ୍ରଯାନ-୩ର ଐତିହାସିକ ଉପଲବ୍ଧିକୁ ସମଗ୍ର ଭାରତ ବର୍ଷ ଉତ୍ସାହର ସହ ପାଳନ କରୁଛି । ନରେନ୍ଦ୍ର ମୋଦି ଜଣେ ପ୍ରଧାନମନ୍ତ୍ରୀ ସହ ଜଣେ ନାଗରିକ ମଧ୍ୟ । ସେ ଚନ୍ଦ୍ରଯାନ-୩ ଖବର ସହ ପ୍ରତିଟି ମୁହୂର୍ତ୍ତରେ ଯୋଡ଼ି ହୋଇ ରହିଥିଲେ । ପ୍ରଧାନମନ୍ତ୍ରୀ ଯେଉଁଠାରେ ବି ରୁହନ୍ତୁ ଏକ ପରିବାରର ସଦସ୍ୟ ଭଳି ଦେଶ ଏବଂ ଦେଶର ଜନତାଙ୍କ ସାଥୀରେ ରହିଥାନ୍ତି ।

## ଗୋଟିଏ ରନ ୱେର ଦୁଇଟି ବିମାନ, ମହିଳା ପାଇଲଟ ବଞ୍ଚାଇ ଦେଲେ ୩୦୦ ଜୀବନ

ନୂଆଦିଲ୍ଲୀ, ୨୩।୮(ପି.ଏନ): ଜଣେ ମହିଳା ପାଇଲଟଙ୍କ ଉପସ୍ଥିତ ବୁଦ୍ଧି ଓ ଉଚିତ ପଦକ୍ଷେପ ଯୋଗୁ ବଡ ଦୁର୍ଘଟଣାକୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି ୩୦୦ ଜଣ ଯାତ୍ରୀ। ଦିଲ୍ଲୀ ଏୟାରପୋର୍ଟର ଗୋଟିଏ ରନ ୱେରେ ଏକା ସମୟରେ ଭିସ୍ତାରାର ଦୁଇଟି ବିମାନ ଚାଲି ଆସିଥିଲେ।ପ୍ରଥମେ ଗୋଟିଏ ଭିସ୍ତାରା ବିମାନ ସକ୍ରିୟ ରନ ୱେରେ ଲ୍ୟାଣ୍ଡ କରିଥିଲା। ଏହାପରେ ସେହି ସମାନ ରନ ୱେରେ ଭିସ୍ତାରାର ଆଉ ଗୋଟିଏ ବିମାନକୁ ମଧ୍ୟ ବ୍ୟବହାର କରିବାକୁ ଅନୁମତି ଦିଆଯାଇଥିଲା। ଫଳରେ ଦୁଇ ବିମାନ ମଧ୍ୟରେ ଧକ୍କା ହେବା ପରିସ୍ଥିତି ସୃଷ୍ଟି ହୋଇଥିଲା। କିନ୍ତୁ ଠିକଣା ସମୟରେ ମହିଳା ପାଇଲଟଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ




ବଡ ବିପଦ ଟଳି ଯାଇଛି।ମିଳିଥିବା ସୂଚନା ଅନୁସାରେ, ଭିସ୍ତାରାର ଏ ୩୨୦ ଅହମଦାବାଦରୁ ଦିଲ୍ଲୀ ଆସିଥିଲା। ବିମାନଟି ସକାଳ ୮.୩୦ର ଠିକ ପୂର୍ବରୁ ପହଞ୍ଚିଥିବା ବେଳେ ୨୯ଏଲ ରନ ୱେକୁ ବ୍ୟବହାର କରିବାକୁ କୁହାଯାଇଥିଲା। ଏହାପରେ ଟାୱାର କଣ୍ଟ୍ରୋଲ ପକ୍ଷରୁ ବିମାନକୁ ୨୯ଆର ରନ ୱେକୁ ଯିବାକୁ ନିର୍ଦ୍ଦେଶ ମିଳିଥିଲା। ଏହି ସମୟରେ ଦିଲ୍ଲୀ-ବାଗଡଥଗ୍ରା ବିମାନକୁ ସମାନ ୨୯ଆର ରନୱେରୁ ଉଡାଣ ଭରିବାକୁ ଅନୁମତି ମିଳିଥିଲା।

## ଘରୋଇ ଚିକିତ୍ସାଳୟରେ ନର୍ସଙ୍କୁ ଅସଦାଚରଣ ଅଭିଯୋଗରେ ଯୁବକ ଅଦାଲତ ଚାଲାଣ

କୋରେଇ, ୨୩।୮(ପି.ଏନ): ପାଣିକୋଇଲି ବଜାରରେ ଥିବା ଏକ ଘରୋଇ ଚିକିତ୍ସାଳୟର ଜଣେ ନର୍ସ ସହ ସେଠାରେ ଥିବା ଔଷଧ ଦୋକାନ କର୍ମଚାରୀ ଅସାଦାଚରଣ କରିବା ଓ ଧମକ ଦେବା ଅଭିଯୋଗରେ ଆଜି ଅଦାଲତ ଚାଲାଣ କରିଛି ।

## ଇତିହାସ ରଚିଲା ଭାରତ

ନୂଆଦିଲ୍ଲୀ, ୨୩।୮(ପି.ଏନ): ବିଶ୍ୱର ପ୍ରଥମ ଦେଶ ଭାବେ ଚନ୍ଦ୍ରର ଦକ୍ଷିଣ ମେରୁରେ ଅବତରଣ କରିଛି ଭାରତ। ଇସ୍‌ରୋ ପଠାଇଥିବା ଚନ୍ଦ୍ରଯାନ ୩ର ଲ୍ୟାଣ୍ଡର ବିକ୍ରମ ସନ୍ଧ୍ୟା ୬.୦୪ ମିନିଟ୍‌ରେ ଚନ୍ଦ୍ରପୃଷ୍ଠରେ ସଫ୍ଟ ଲ୍ୟାଣ୍ଡିଂ କରିଛି। ଏହି ଐତିହାସିକ ମୁହୂର୍ତ୍ତକୁ ଅବିସ୍ମରଣୀୟ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ବର୍ତ୍ତମାନ ବ୍ରିକ୍ସ ସମ୍ମିଳନୀ ପାଇଁ ଦକ୍ଷିଣ ଆଫ୍ରିକାର



ଜୋହାନ୍ସବର୍ଗରେ ରହିଛନ୍ତି। ସେଠାରୁ ସେ ଭିଡିଓ କନଫରେନ୍ସିଂ ଜରିଆରେ ଲ୍ୟାଣ୍ଡିଂର ଲାଇଭ ଚିତ୍ର ଦେଖିଥିଲେ। ବିକ୍ରିମ ଲ୍ୟାଣ୍ଡର ଚନ୍ଦ୍ରପୃଷ୍ଠରେ ଲ୍ୟାଣ୍ଡ କରିବା ମାତ୍ରେ ମୋଦି ତ୍ରିରଙ୍ଗା ଉଡାଇବା ସହ ତାଳି ମାରି ଇସ୍‌ରୋ ଓ ଦେଶବାସୀଙ୍କ ଉତ୍ସାହକୁ ବଢ଼ାଇଥିଲେ ।

## ଆହୁରି ଦୁଇ ଦିନ ପ୍ରବଳ ବର୍ଷିବ !

ଭୁବନେଶ୍ୱର, ୨୩।୮(ପି.ଏନ):ଆଜି ରାଜ୍ୟରେ କେତେକ ଜିଲ୍ଲାରେ ପ୍ରବଳ ବର୍ଷା ହୋଇଛି। ଆଜି ପରି ଆସନ୍ତାକାଲି ମଧ୍ୟ କେତେକ ଜିଲ୍ଲାରେ ବର୍ଷା ହେବାର ସମ୍ଭାବନା ରହିଛି। ଏହାଛଡା ବଜ୍ରପାତ ଓ ଘଡଘଡି ମାରିବାର ରହିଛି ବୋଲି ପୂର୍ବାନୁମାନ କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର।ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଜାରି କରିଥିବା ବୁଲେଟିନ୍? ଅନୁସାରେ ୨୪ ଘଣ୍ଟା ଭିତରେ ବଲାଙ୍ଗିର, କନ୍ଧମାଳ, ଗଞ୍ଜାମ, ପୁରୀ, ଖୋର୍ଦ୍ଧା, ନୟାଗଡ, ସୋନପୁର, ବରଗଡ, ସମ୍ବଲପୁର, ଅନୁଗୋଳ, ଢେଙ୍କାନାଳ, ଯାଜପୁର, କଟକ, କେନ୍ଦ୍ରାପଡା, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ଦେବଗଡ ଓ ଝାରସୁଗୁଡା ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ



ବର୍ଷା ସାଙ୍ଗକୁ ଘଡଘଡି ସହ ବଜ୍ରପାତ ହେବାର ସମ୍ଭାବନା ରହିଛି। ସେହିପରି କୋରାପୁଟ, ମାଲକାନଗିରି, ବଲାଙ୍ଗିର, ବୌଦ୍ଧ, ବରଗଡ, ଅନୁଗୋଳ, ଦେବଗଡ, ଝାରସୁଗୁଡା, ସୁନ୍ଦରଗଡ, କେନ୍ଦୁଝର, ମୟୂରଭଞ୍ଜ ଓ ନୟାଗଡରେ କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

## ଜହ୍ନ ପରେ ଏବେ ଇସ୍‌ରୋ ଆରମ୍ଭ କରିବ ମିଶନ ସୂର୍ଯ୍ୟ

ଭୁବନେଶ୍ୱର, ୨୩।୮(ପି.ଏନ): ମିଶନ ଚନ୍ଦ୍ର ସଫଳ ହେବା ପରେ ଏବେ ଇସ୍‌ରୋ ଆଉ ଏକ ବଡ ଯୋଜନା କରିଛି। ଚନ୍ଦ୍ର ପରେ ଏବେ ଇସ୍‌ରୋର ପୂରା ଫୋକସ ସୂର୍ଯ୍ୟ ଉପରେ ରହିଛି ଭାରତ ବିଶ୍ୱର ପ୍ରଥମ ଦେଶ ଭାବେ ଚନ୍ଦ୍ରର ଦକ୍ଷିଣ ମେରୁରେ ପାଦ ଥାପି ଇତିହାସ ରଚିଛି।ଆଜି ସନ୍ଧ୍ୟାରେ ଲ୍ୟାଣ୍ଡର ବିକ୍ରମ ଚନ୍ଦ୍ରରେ ସଫ୍ଟ ଲ୍ୟାଣ୍ଡିଂ କରିଛି। ଇସ୍‌ରୋର ଏହି ସଫଳତା ପାଇଁ ନାସା ଠାରୁ ଆରମ୍ଭ କରି ବିଦେଶର ସବୁ ଗବେଷଣା ସଂସ୍ଥା ଶୁଭେଚ୍ଛା ଜଣାଇବାରେ ଲାଗିଛନ୍ତି। ଏହି ଶୁଭେଚ୍ଛା ପାଇଁ ଇସ୍‌ରୋ ମଧ୍ୟ



ଉତ୍ସାହିତ ହୋଇ ପଡିଛି। ସଂସ୍ଥା ଖୁବଶୀଘ୍ର ମିଶନ ସୂର୍ଯ୍ୟ ଆରମ୍ଭ କରିବ ବୋଲି କହିଛି।ଆଜି ଲ୍ୟାଣ୍ଡର ବିକ୍ରମର ସଫ୍ଟ ଲ୍ୟାଣ୍ଡିଂକୁ ଭିଡିଓ କନଫରେନ୍ସିଂରେ ଦେଖୁଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଆଗକୁ ମିଶନ ସୂର୍ଯ୍ୟ ଓ ଶୁକ୍ର ଆରମ୍ଭ ହେବ ବୋଲି କହିଛନ୍ତି।

## ମଝି ଆକାଶରେ ୧୫ ଘଣ୍ଟା ଫସି ରହିଲା କେବୁଲ୍ କାର୍, ଭିତରେ ଥିଲେ ୮ ଜଣ

ନୂଆଦିଲ୍ଲୀ, ୨୩।୮(ପି.ଏନ): ଭୂମିଠୁ ୯ଶହ ମିଟର ଉପରେ ଝୁଲି ରହିଥିଲା କେବୁଲ କାର୍? । ଆଉ ତା' ଭିତରେ ଫସି ରହିଥିଲେ ୮ ଜଣ। ସେମାନଙ୍କ ମଧ୍ୟରେ ୭ ଜଣ ଛୋଟ ପିଲା ଥିବା ବେଳେ ଜଣେ ଥିଲେ ଯୁବକ । ଜୀବନ, ମରଣର ଦୋ ଛକିରେ ୮ ଜୀବନ ପ୍ରାୟ ୧୫ ଘଣ୍ଟା ଫସି ରହିବା ପରେ ସେମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି । ଏପରି ଏକ ଲୋମଟାଙ୍କୁରା ଘଟଣା ପାକିସ୍ତାନରେ ଘଟିଛି ।ଉତ୍ତର ଇସଲାମବାଦଠୁ ୨୫ କିମି ଦୂରରେ ଥିବା ବଟଗ୍ରାମ୍‌କୁ ଚାରିପଟୁ ପାହାଡ ଘେରି ରହିଛି। ଏହି ଅଞ୍ଚଳର ପିଲାମାନେ ନିତିଦିନ କେବୁଲ କାର୍‌ରେ ପାହାଡ ଅପର ପାର୍ଶ୍ୱରେ ଥିବା ସ୍କୁଲକୁ ଯାଇଥାନ୍ତି ।ଗତକାଲି ମଧ୍ୟ ୭ ପିଲା ସକାଳେ କେବୁଲ କାର୍‌ରେ ସ୍କୁଲ ଯାଉଥିବା ବେଳେ ତାଙ୍କ ସହ ଜଣେ ୨୦ ବର୍ଷୀୟ ଯୁବକ ବି ଥିଲେ। ସମସ୍ତ ପିଲାଙ୍କ ବୟସ ୧୦ରୁ ୧୫ ବର୍ଷ ମଧ୍ୟରେ ହେବ ବୋଲି ଜଣାଯାଇଛି। ମାତ୍ର କେବୁଲ କାର୍‌ଟି ମଝିରେ ପହଞ୍ଚିଥିବା ବେଳେ ଯାନ୍ତ୍ରୀକ ତ୍ରୁଟି ଯୋଗୁ ଆଉ ଆଗକୁ ଯାଇ ପାରି ନ ଥିଲା। ଉକ୍ତ ସମୟରେ କେବୁଲ କାର୍‌ଟି ଭୂମିଠୁ ପ୍ରାୟ ୯ଶହ ମିଟର ଉପରେ ଥିଲା।

## ୫-ଟି ସଚିବଙ୍କ ଖୋର୍ଦ୍ଧା ଗସ୍ତ : ବିଭିନ୍ନ ରାସ୍ତା କାର୍ଯ୍ୟ ଅଗ୍ରଗତିର କଲେ ସମୀକ୍ଷା

ଭୁବନେଶ୍ୱର, ୨୩।୮(ପି.ଏନ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ୫-ଟି ସଚିବ ଭି.କେ ପାଣ୍ଡିଆନ ଖୋର୍ଦ୍ଧା ଜିଲ୍ଲା ଗସ୍ତ କରିଛନ୍ତି। ସେଠାରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଅଗ୍ରଗତିର ସମୀକ୍ଷା କରିବା ସହ ଲୋକମାନଙ୍କ ଅଭିଯୋଗ ଶୁଣି ସମାଧାନର ପ୍ରତିଶ୍ରୁତି ଦେଇଥିଲେ। ଜଟଣୀ, ଖୋରଧା, ବେଗୁନିଆ, ବାଲିଅନ୍ତା ଏବଂ ବାଲିପାଟଣା ବ୍ଲକରେ ୫୦୩ କୋଟି ବ୍ୟୟରେ ହେଉଥିବା ମେଗା ପାଇପ୍ ଜଳ ଯୋଗାଣ ପ୍ରକଳ୍ପର ଅଗ୍ରଗତିର ସମୀକ୍ଷା କରିଛନ୍ତି । ୨୦୨୪ ମାର୍ଚ୍ଚ ରୁ ପର୍ଯ୍ୟାୟକ୍ରମେ ଏହି ପ୍ରକଳ୍ପଗୁଡିକ କାର୍ଯ୍ୟକ୍ଷମ ହେବ ।

## ସ୍କୁଲ ଶିକ୍ଷା ପାଇଁ ଜାତୀୟ ପାଠ୍ୟକ୍ରମ ରୂପରେଖ ଉନ୍ମୋଚନ; ଜାତୀୟ ଶିକ୍ଷା ନୀତିକୁ କାର୍ଯ୍ୟକାରୀ କରିବା ଦିଗରେ ସହାୟକ ହେବ : କେନ୍ଦ୍ରମନ୍ତ୍ରୀ

ନୂଆଦିଲ୍ଲୀ, ୨୩।୮(ପି.ଏନ) : କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ଧର୍ମେନ୍ଦ୍ର ପ୍ରଧାନ ବୁଧବାର ନୂଆଦିଲ୍ଲୀଠାରେ ସ୍କୁଲ ଶିକ୍ଷା ପାଇଁ ଜାତୀୟ ପାଠ୍ୟକ୍ରମ ରୂପରେଖ(ଏନସିଏଫ)ର ଉନ୍ମୋଚନ କରିଛନ୍ତି । ଏହି ଏନସିଏଫ୍ ଜାତୀୟ ଶିକ୍ଷା ନୀତିକୁ କାର୍ଯ୍ୟକାରୀ କରିବା ଦିଗରେ ବଡ଼ ଗତି ଦେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଶ୍ରୀ ପ୍ରଧାନ ନ୍ୟାସନାଲ କରିକୁଲମ ଫ୍ରେମୱାର୍କ ଓଭରସାଇଟ କମିଟି ଏବଂ ଦ ନ୍ୟାସନାଲ ସିଲାବସ ଆଣ୍ଡ୍ ଟିଚିଂ-ଲର୍ଣ୍ଣିଂ ମ୍ୟାଟେରିଆଲ କମିଟିର ପ୍ରଥମ ଯୁଗ୍ମ କର୍ମଶାଳାରେ ଯୋଗଦେଇ ଏହା କହିଛନ୍ତି ।ସ୍କୁଲ ଶିକ୍ଷା ପାଇଁ ଏନସିଏଫ ଏକବିଂଶ ଶତାବ୍ଦୀର ଆବଶ୍ୟକତା ପାଇଁ ଥିବା କଳ୍ପନା ଓ ଭାରତୀୟ ଜ୍ଞାନ ପ୍ରଣାଳୀର ବିଚାରକୁ ଏକୀକରଣ କରିବା ଦିଗରେ ଏକ ଅନ୍ୟତମ ପଦକ୍ଷେପ । ଜାତୀୟ ଶିକ୍ଷା ନୀତି -୨୦୨୦ ପାଇଁ ପାଠ୍ୟକ୍ରମ ପ୍ରସ୍ତୁତ କରିବାକୁ ପ୍ରଫେସର କେ କସ୍ତୁରୀରଙ୍ଗନଙ୍କ ନେତୃତ୍ୱରେ ଷ୍ଟିୟରିଂ କମିଟି ଗଠନ କରାଯାଇଥିଲା, ଯେଉଁଥିରେ ୫+୩+୩+୪ ଢାଞ୍ଚାରେ ସ୍କୁଲ ଶିକ୍ଷାକୁ ଗୁରୁତ୍ୱ ଦିଆଯାଇଛି । ଏହି ଫ୍ରେମୱାର୍କ ପ୍ରାଥମିକରୁ ମାଧ୍ୟମିକ ଶିକ୍ଷା ସ୍ତର ପର୍ଯ୍ୟନ୍ତ ଶିକ୍ଷା ଆହରଣ ଯାତ୍ରାକୁ ପ୍ରାଥମିକତା ଦେଉଛି ।ଶ୍ରୀ ପ୍ରଧାନ କହିଛନ୍ତି ଯେ, ବିଶ୍ୱ ଭାରତଠାରୁ ଅନେକ ଆଶା ରଖିଛି । ବୈଶ୍ୱିକ ଦାୟିତ୍ୱବୋଧକୁ ପୂରଣ କରିବା ପାଇଁ ପ୍ରଯୁକ୍ତିବିଦ୍ୟା ଆଧାରିତ ଶିକ୍ଷା ବ୍ୟବସ୍ଥା ପ୍ରସ୍ତୁତ କରିବାକୁ ହେବ,ଯାହା ଭାରତ ସମେତ ବିଶ୍ୱ ସମ୍ପ୍ରଦାୟର ଆକାଂକ୍ଷାକୁ ପୂରଣ କରୁଥିବ । ଆଗାମୀ ଶିକ୍ଷା ବର୍ଷରୁ ନୂତନ ପାଠ୍ୟ ପୁସ୍ତକ ପ୍ରସ୍ତୁତ କରିବା ପାଇଁ ସବୁ ପ୍ରକାର ପ୍ରଚେଷ୍ଟା କରିବା ପାଇଁ ଶ୍ରୀ ପ୍ରଧାନ ପରାମର୍ଶ ଦେଇଛନ୍ତି । ତୃତୀୟ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟପୁସ୍ତକ ଏକବିଂଶ ଶତାବ୍ଦୀର ଆବଶ୍ୟକତା ଆଧାରିତ ହେବ ଏବଂ ପିଲା ମାନଙ୍କୁ ମୂଳପାଠ ସହ ଯୋଡିହେବା ସହ ଭବିଷ୍ୟତଗାମୀ କରାଇବ ବୋଲି ସେ କହିଛନ୍ତି । ଏହାବ୍ୟତିତ ଆଉ ଏକ ପୃଥକ କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ କେନ୍ଦ୍ର ଶିକ୍ଷା ଏବଂ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟର ଆନୁଆଲ କାପାସିଟି ବିଲଡିଂ ପ୍ଲାନ ଏବଂ ଇଣ୍ଡକ୍ସନ ଟ୍ରେନିଂ ମଡ୍ୟୁଲ (ଏମଏସଡିଇ) ଏବଂ ଟ୍ରେନିଂ ମୋଡ୍ୟୁଲ ଫର୍ ଡାରେକ୍ଟର (ଡିଓଏଚ୍ଇ)ର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଆମର କାପାସିଟି ବିଲଡିଂର ମହତ୍ତ୍ୱ କଣ ? ଆଜିର ଯୁବବର୍ଗଙ୍କ ଆବଶ୍ୟକତା, ଆକାଂକ୍ଷା, ଆଶା ପ୍ରତିଟି ମୁହୂର୍ତ୍ତରେ ପରିବର୍ତ୍ତନ ହେଉଛି । ସେମାନଙ୍କ ପାଇଁ ନୀତି ଓ ପ୍ରୋଗ୍ରାମ ବନାଇବା ସହଜ ନୁହେଁ । ଶିକ୍ଷା ଓ ଦକ୍ଷତା କ୍ଷେତ୍ରରେ କାପାସିଟି ବିଲଡିଂ ମୋଷ୍ଟ ଚ୍ୟାଲେଞ୍ଜିଂ କାମ । ଆତ୍ମଚିନ୍ତନକୁ ମ୍ୟାପିଂ କରିବା ତଥା ତାହାର କ୍ୟାପାସିଟି କଣ ଲାଗିବ, ତାହା ହିଁ ଚ୍ୟାଲେଞ୍ଜ । ଏହି ପଦକ୍ଷେପ ପ୍ରଶଂସନୀୟ । ଏହା କ୍ରୟାନ୍ୱୟନ ହେବା ଦରକାର । ଏହାକୁ ଅଭ୍ୟାସ କଲେ ହିଁ ଫଳପ୍ରଦ ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

## ଇସ୍‌ରୋର ଜହ୍ନ ଯାତ୍ରା ସଫଳ, ଏହି ବୈଜ୍ଞାନିକମାନେ ଧରିଥିଲେ ମଙ୍ଗ

ଭୁବନେଶ୍ୱର, ୨୩।୮(ପି.ଏନ):ବହୁଦିନର ସ୍ୱପ୍ନ ଶେଷରେ ସାକାର ହୋଇଛି। ଚନ୍ଦ୍ରମାରେ ପଡିଛି ଭାରତର ପାଦ। ପୂର୍ବ ନିର୍ଦ୍ଧାରିତ ସମୟ ଅନୁସାରେ ଆଜି ଚନ୍ଦ୍ରପୃଷ୍ଠରେ ସଫଳ ଅବତରଣ କରିଛି ଚନ୍ଦ୍ରଯାନ-୩। ଏହି ସଫଳତା ପରେ ଇସ୍‌ରୋ ବାଜ୍ଞାନିକଙ୍କ ସମେତ ପୂରା ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ବିଶ୍ୱରୁ ମଧ୍ୟ ବହୁ ମାନ୍ୟ ଗଣ୍ୟ ବ୍ୟକ୍ତି ତଥା ମହାକାଶ ରିସର୍ଚ୍ଚ ସେଣ୍ଟରରୁ ଛୁଟିଛି ଶୁଭେଚ୍ଛାର ସୁଅ। ଏହା ଭାରତ ପାଇଁ ଏକ ଐତିହାସକ ଦିନ।



## ବିଶିଷ୍ଟ କଣ୍ଠଶିଳ୍ପୀ ପ୍ରଣବ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା

ଭୁବନେଶ୍ୱର, ୨୩।୮(ପି.ଏନ): ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଏକ ପ୍ରତିନିଧି ଦଳ ବିଶିଷ୍ଟ କଣ୍ଠଶିଳ୍ପୀ ପ୍ରଣବ ପଟ୍ଟନାୟକଙ୍କୁ ଆଜି ସାକ୍ଷାତ କରିଛନ୍ତି । ଶ୍ରୀ ପଟ୍ଟନାୟକ ଅସୁସ୍ଥ ହୋଇ ଏକ ଘରୋଇ ହସପିଟାଲରେ ଚିକିତ୍ସିତ ହେଉଛନ୍ତି । ଏହି ଟିମ୍ ତାଙ୍କର ଆଶୁ ଆରୋଗ୍ୟ କାମନା କରି ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା ବାର୍ତ୍ତା ଜଣାଇବା ସହ ଏକ ଲକ୍ଷ ଟଙ୍କାର ଏକ ଚେକ ଚିକିତ୍ସା ସହାୟତା ନିମନ୍ତେ ପ୍ରଦାନ କରିଛନ୍ତି । ଉକ୍ତ ପ୍ରତିନିଧି ଦଳରେ ଓଡିଆ ଚଳଚ୍ଚିତ୍ର ଉନ୍ନୟନ ନିଗମ



ଅଧ୍ୟକ୍ଷ ସତ୍ୟବ୍ରତ ତ୍ରିପାଠୀ, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ନିର୍ଦ୍ଦେଶକ ଦିଲୀପ ରାଉତରାଏ, ବିଭାଗୀୟ ଯୁଗ୍ମ ନିର୍ଦ୍ଦେଶକ ସୁବୋଧ ଆଚାର୍ଯ୍ୟ, ଓଡିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ ପ୍ରମୁଖ ସାମିଲ ଥିଲେ ।

## ଅଲକେମିଷ୍ଟ ଚିଟଫଣ୍ଡ କମ୍ପାନୀ କୋଟି କୋଟି ଟଙ୍କା ନେଇ ଫେରାର୍

କେନ୍ଦ୍ରାପଡ଼ା, ୨୩।୮(ପି.ଏନ): କେନ୍ଦ୍ରାପଡା ପୌରାଂଚଳର ମହିପାଳରେ ଅଲକେମିଷ୍ଟ ନାମକ ଏକ ଚିଟଫଣ୍ଡ କମ୍ପାନୀ କାର୍ଯ୍ୟାଳୟ ଖୋଲି ତାହାର ୪ଟି ସହଯୋଗୀ ସଂସ୍ଥା ଯଥା-ଅଲକେମିଷ୍ଟ କରପୋରେଶନ ଲିମିଟେଡ, ଅଲକେମିଷ୍ଟ ହୋଲଡିଂସ ଲିମିଟେଡ, ଅଲକେମିଷ୍ଟ ଇନଫୋ ରିଗାଡିଂ ଲିମିଟେଡ ଓ ଅଲକେମିଷ୍ଟ ଟାଉନସିପ୍ ଇଣ୍ଡିଆ ଲିମିଟେଡ ମାଧ୍ୟମରେ କେନ୍ଦ୍ରାପଡା ଜିଲ୍ଲାରୁ ଶହ ଶହ କୋଟି ଟଙ୍କା ଲୁଟି ନେଇ ଫେରାର୍ ହୋଇ ଯାଇଥିବା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ବିଭିନ୍ନ ଲୋଭନୀୟ ସ୍କିମ ମାଧ୍ୟମରେ ଟଙ୍କା ଜମା ରଖିଲେ ୬ ବର୍ଷରେ ଦୁଇ ଗୁଣ, ୯ ବର୍ଷରେ ତିନି ଗୁଣ ଓ ୧୨ ବର୍ଷରେ ୫ ଗୁଣ ତଥା ୧୬ ବର୍ଷରେ ୧୦ଗୁଣ ଟଙ୍କା ଫେରସ୍ତ ପାଇବେ ବୋଲି ପ୍ରତିଶୃତି ଦେଇ ଏହି କମ୍ପାନୀ କେନ୍ଦ୍ରାପଡା ଜିଲ୍ଲାର ସରଳ ଲୋକ ମାନଙ୍କୁ ଠକେଇ କରିଥିବା ଅଭିଯୋଗକାରୀ ମାନେ ଲିଖିତ ଭାବେ ଜଣାଇଛନ୍ତି। ମହିପାଳ ଟାଉନରେ ଏହି କମ୍ପାନୀ ୨୦୧୧ ମସିହା ସେପ୍ଟେମ୍ବର ମାସରେ ତାହାର କାର୍ଯ୍ୟାଳୟ ଖୋଲି ଟଙ୍କା ଆଦାୟ କରି ୨୦୧୬ ମସିହା ଠାରୁ ଉଭାନ ହୋଇ ଯାଇଛି। ଫଳରେ ଶହ ଶହ ଜମାକାରୀ ମାନେ ନିରାଶ ହୋଇ ସେମାନଙ୍କର ଜମା ଟଙ୍କା ଫେରସ୍ତ ପାଇବା ପାଇଁ ଜିଲ୍ଲାପାଳଙ୍କୁ ନିବେଦନ କରି ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଓ ଟଙ୍କା ଫେରସ୍ତ ପାଇବା ପାଇଁ ଏକ ଅଭିଯୋଗ ପତ୍ର ଡେପୁଟି କଲେକ୍ଟର ତଥା ଜିଲ୍ଲା ସବ ରେଜିଷ୍ଟ୍ରାର ତୃପ୍ତି ମହାନ୍ତିଙ୍କୁ ପ୍ରଦାନ କରିଛନ୍ତି। ଏହା ସହ ଜମାକାରୀ ମାନେ ଯୋଗେନ୍ଦ୍ରେ କୁମାର ପାତ୍ର, ସମୀର ରାଉତ, ମନୋଜ କୁମାର ନାୟକ, ଉମାକାନ୍ତ ନାୟକ, ରାଜ କିଶୋର ନାୟକ ପ୍ରମୁଖ ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ କରିଥିବା ଜଣାପଡିଛି।









# ପୁରାଣ କାହାଣୀ

## ଅଂହକାରରୂପୀ ସାପ



ମହାରାଷ୍ଟ୍ରର ସନ୍ଥ ଜ୍ଞାନେଶ୍ୱର, ନାମଦେବ ଓ ମୁକ୍ତାବାଈଙ୍କ ସହ ତର୍ଥୀ କରି ପ୍ରସିଦ୍ଧ ସନ୍ଥ ଗୋରାଙ୍କ ନିକଟରେ ପହଂଚିଲେ । ସନ୍ଥ ସମାଗମ ହେଲା, ଚର୍ଚ୍ଚ ଚାଲିଲା । ତବସ୍ୱନୀ ମୁକ୍ତାବାଈ ପାଖରେ ପଡିଥିବା ଏକ ବାଡ଼ିକୁ ଲକ୍ଷ୍ୟ କରି ଗୋରା କୁମ୍ଭାରଙ୍କୁ ପଚାରିଲେ ଇଏ କାଣ ? ଗୋରା ଉତ୍ତର ଦେଲେ ମାଠିଆ ପାକଳ ହୋଇଛି କି କଂଚା ଅଛି, ଜାଣିବା ପାଇଁ ଏହି ବାଡିରେ ଯାଂଚ କରେ । ମୁକ୍ତାବାଈ ହସିଦେଇ କହିଲେ ଆମେ ବି ତ ମାଟିର ପାତ୍ର । ଏଥିରେ ଆମକୁ ଯାଂଚ କରିପାରିବ ? ହଁ କାହିଁକି ନୁହେଁ, କହି ଗୋରା ଉଠିଲା ଏବଂ ସେଠାରେ ଉପସ୍ଥିତ ପ୍ରତ୍ୟେକ ମହାତ୍ମାଙ୍କ ମୁଣ୍ଡକୁ ବାଡ଼େଇଲେ । ସେମାନଙ୍କୁ ମଧ୍ୟରୁ କିଛି ଏଥିରେ ଖୁସି ହେଲେ , ଆଉ କିଛି ସାଧୁଙ୍କୁ ଏହା ରହସ୍ୟ ମନେହେଲା । କିନ୍ତୁ ନାମଦେବଙ୍କୁ ଖରାପ ଲାଗିଲା । ଜଣେ କୁମ୍ଭାର ତାଙ୍କ ଭଳି ସନ୍ଥଙ୍କୁ ବାଡ଼ିରେ ପରୀକ୍ଷା କରୁଛି, ଏହା ତାଙ୍କର ପସନ୍ଦ ହେଲା ନାହିଁ । ତାଙ୍କ ଚେହେରାରେ କ୍ରୋଧ ସ୍ପଷ୍ଟ ବାରି ହେଉଥିଲା। ନାମଦେବଙ୍କ ପାଳି ପଡ଼ିଲା । ଗୋରା ତାଙ୍କ ମୁଣ୍ଡରେ ରଖି କହିଲା ଏ ପାତ୍ର କଂଚା ଅଛି । ତା ପରେ ନାମଦେବଙ୍କୁ ଧୀର ସ୍ୱରରେ କହିଲେ ତପସ୍ୱୀ ଶ୍ରେଷ୍ଠ, ଆପଣ ନିଶ୍ଚୟ ସନ୍ଥ କିନ୍ତୁ ଆପଣଙ୍କର ହୃଦୟରେ ଅହଂକାର ରୂପୀ ସାପ ଏବେ ବି ମରିନାହିଁ । ସେଥିପାଇଁ ମାନ ଆପମାନ ଆନକୁ ଆପଣଙ୍କ ଧ୍ୟାନ ତୁରନ୍ତ ଚାଲିଯାଉଛି । ଯେତେବେଳେ ଜଣେ ସଦ୍‌ଗୁରୁ ଆପଣଙ୍କ ମାର୍ଗଦର୍ଶନ କରିବେ, ଏସାପ ସେତେବେଳ ମରିବ । ସନ୍ଥ ନାମଦେବ ବୁଝିପାରିଲେ । ନିଜ ଭିତରେ ଅହଂକାର ମରିଗଲା । ନାମଦେବଙ୍କୁ ଆଜି ସମସ୍ତେ ଜାଣନ୍ତି, କିନ୍ତୁ ମୂଳଦୁଆ ତଳ ପଥର ଭଳି ଲୋକଙ୍କ ଆଖିରୁ ଦୁରେଇ ଯାଇଛନ୍ତି ଗୋରା । ନାମଦେବଙ୍କୁ ଅଂହକାରମୁକ୍ତ କରିବାରେ ତାଙ୍କର ସବୁଠୁ ବନ ଯୋଗଦାନ ଥିଲା । ପ୍ରକୃତରେ କହିବାକୁ ଗଲେ ନାମଦେବଙ୍କ ଅସଲ ଗୁରୁ ଗୋରା । ତାଙ୍କ କଥାରେ ନାମଦେବ ବିଠୋବା ଖେଚରଙ୍କଠୁ ଦୀକ୍ଷା ନେଲେ ।

## ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନ କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଥଅତିଶୃତି ପାଇ ଆସ୍ୱସ୍ଥି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରିରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ଟ୍ୟାକ୍ସି ଡ୍ରାଇଭରଙ୍କ ଖାତାକୁ ଆସିଲା ୧୦ହଜାର କୋଟି

ବରନାଲା ବ୍ୟାଙ୍କ ଅଧିକାରୀଙ୍କ ଦାୟିତ୍ୱହୀନତା କାରଣରୁ ଜଣେ ଟ୍ୟାକ୍ସି ଡ୍ରାଇଭରଙ୍କ ଆକାଉଣ୍ଟରେ ପ୍ରଥମେ ୯୮୦୫କୋଟି ଏବଂ ପରେ ୯୯୯କୋଟି (ମୋଟଓ ୧୦୮୦୪କୋଟି)ଟଙ୍କା ଜମା ହୋଇଗଲା। ଦୈନିକ ୫୦୦ଟଙ୍କା ରୋଜଗାର କରୁଥିବା ପାବର ବରନାଲାର ଏହି ଟ୍ୟାକ୍ସି ଡ୍ରାଇଭର ବଲବିନ୍ଦର ସିଂ ହଠାତଓ ଆଶ୍ଚର୍ଯ୍ୟ ହୋଇପଡିଥିଲେ। ମୋବାଇଲରେ ବ୍ୟାଙ୍କ ବାଲାନ୍ସ ମେସେଜଓ ପଢି ତୁରନ୍ତ ଦୌଡିଥିଲେ ଆୟକର କାର୍ଯ୍ୟାଳୟକୁ। ସିଧାସଳଖ ଆୟକର ଅଧିକାରୀଙ୍କ ଗୋଡତଳେ ପଡି ସେ କହିଥିଲେ ଯେ ମୋ ଆକାଉଣ୍ଟକୁ କିପରି ଏତେ ଟଙ୍କା ଆସିଲା ତାହା ମୁଁ ଜାଣିନାହିଁ। ଦୟାକରି ମୋତେ ଜେଲ ପଠାନ୍ତୁ ନାହିଁ। ବଲବିନ୍ଦରଙ୍କ ଷ୍ଟେଟ ବ୍ୟାଙ୍କ ଅଫଓ ପାଟିଆଲାରେ ଏକ ବ୍ୟାଙ୍କ ଆକାଉଣ୍ଟ ରହିଛି। ଏହି ବ୍ୟାଙ୍କର ଅଧିକାରୀମାନଙ୍କ ଦାୟିତ୍ୱ ହୀନତା ଯୋଗୁ ତାଙ୍କ ଆକାଉଣ୍ଟକୁ ଏହି ଟଙ୍କା ଆସିଥିଲା। ଘଟଣା ସମ୍ପର୍କରେ ଜଣାପଡିବା ପରେ ବ୍ୟାଙ୍କ ପ୍ରବନ୍ଧକ ରବିନ୍ଦର କୁମାର ସଫେଇ ଦେଇ କହିଥିଲେ ଯେ ଏହା ଏକ ବୈଷୟିକ ତ୍ରୁଟି ଥିଲା। ତୁରନ୍ତ ଏହି ଖାତାକୁ ଆମେ ବ୍ଲକଓ କରିଛୁ। ଯେଉଁ ଅଧିକାରୀଙ୍କ ଭୁଲ ଯୋଗୁ ଏହା ଘଟିଛି ତାଙ୍କ ବିରୁଦ୍ଧରେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପଟେ ଖବର ପାଇବା ପରେ ଆୟକର ବିଭାଗର ଅଧିକାରୀମାନେ ଏହି ବ୍ୟାଙ୍କ ଉପରେ ରେଡଓ କରିଥିଲେ।

## ପ୍ଲାଷ୍ଟିକ୍ ବେବି

ଏହି ବ୍ୟସ୍ତ ବହୁଳ ଜୀବନରେ ଜଣେ ସାଧାରଣ ବ୍ୟକ୍ତି ଠିକ୍ ଭାବରେ ଖାଦ୍ୟ ଖାଇବାକୁ ସମୟ ପାଉନଥିବା ବେଳେ ୮ବର୍ଷୀୟ ପିଲା ଖାଦ୍ୟ ଖାଇବା ଛାଡ଼ି ପ୍ଲାଷ୍ଟିକ୍ ଜିନିଷ ଖାଇ ଯାଉଛି । ୮ବର୍ଷର ଝିଅ ଜେସିକା ୱାକର, ପିକା ନାମକ ରୋଗରେ ପୀଡ଼ିତ । ଏହି ରୋଗରେ ଜେସିକା ପୌଷ୍ଟିକ ଆହାରକୁ ଛାଡ଼ି ଅନ୍ୟ ସବୁ କିଛି ଖାଇବାକୁ ଇଚ୍ଛା ହୋଇଥାଏ ଯାହା ଜଣେ ସାଧାରଣ ବ୍ୟକ୍ତି କେବେ ଖାଇନଥାଏ । ଜେସିକାର ମା’ ଲିଣ୍ଡସେ କହନ୍ତି ଯେତେବେଳେ ଜେସିକା ଛୋଟଥିଲେ ବାଲି, ମାଟି ଓ ମହମବତୀ ଖାଇଦେଉଥିଲେ । ଯଦି ପ୍ଲେଟରେ ମାଂସ ତରକାରି କିମ୍ବା ଅନ୍ୟ କୌଣସି ବ୍ୟଞ୍ଜନ ରଖାଯାଇଥାଏ ତେବେ ଜେସିକା ତାକୁ କେବେବି ଛୁଅନ୍ତି ନାହିଁ । ଝିଅର ଏଭଳି ସମସ୍ୟା ଦେଖି ତାଙ୍କ ମା’ ତାକୁ ବାଳ ସୁରକ୍ଷା ଗୃହରେ ଛାଡ଼ିଥିଲେ କିନ୍ତୁ ସେଠାରେ ମଧ ଏକା ପରିସ୍ଥିତି ଉପୁଜିଥିଲା । ଜେସିକା କଞ୍ଚା ପରିବା ଖାଆନ୍ତି, ଜିନିଷ ପତ୍ର ଉପରେ ଲାଗିଥିବା ର୍ୟାପ୍ ବା ଜରିକୁ ଖାଆନ୍ତି । ଡାକ୍ତରଙ୍କ କହିବା ଅନୁସାରେ ଜେସିକାଙ୍କର ଏହି ରୋଗ ଭିଟାମିନ୍‌ର ଅଭାବ କାରଣରୁ ହୋଇଥାଏ । ପାଞ୍ଚ ବର୍ଷ ହେବ ଜେସିକାଙ୍କର ଏହି ରୋଗ ହୋଇଥିଲେ ହେଁ ତାଙ୍କର ଚିକିତ୍ସା ଠିକ୍ ଭାବେ କରାଯାଇପାରୁନାହିଁ । ଏଥିପାଇଁ ଜେସିକାର ମା’ ବହୁତ ଚିନ୍ତିତ ଅଛନ୍ତି ।

## ୨୮ ବର୍ଷ ପରେ ସନ୍ତାନ



ଇଟାଲିର ଛୋଟ ସହର ଓସଟାନାରେ ୧୯୮୭ ପରେ ପ୍ରଥମ ଥର ଶିଶୁର କାନ୍ଦ ସ୍ୱର ଶୁଣିବାକୁ ମିଳିଛି । ପାବ୍‌ଲୋ ନାମକ ଏହି ଶିଶୁ ତୁରିନ୍ ହସ୍ପିଟାଲ୍‌ରେ ଜନ୍ମ ହୋଇଛି । ତାର ଜନ୍ମ ପରେ ସମଗ୍ର ଅଂଚଳରେ ଖୁସିର ଲହରୀ ଖେଳିଯାଇଛି, ବେଶ ଧୂମଧାମ୍‌ରେ ଉତ୍ସବ ପାଳିତ ହୋଇଛି । ଓସଟାନାର ଲୋକସଂଖ୍ୟା ୮୪ । ଏବେ ଏହି ସଂଖ୍ୟା ୮୫ ହୋଇଛି । ପିଡ୍‌ମଂଟ ଅଂଚଳରେ ପାହାନ ମଝିରେ ସ୍ଥିତ ଓସଟାନାର ମେୟର୍ ଗିୟାକୋମା ଲୋମ୍‌ବାରଡୋ ଏ ନେଇ ବହୁତ ଖୁସି । ଦୀର୍ଘ ଦିନର ସ୍ୱପ୍ନ ସତ ହୋଇଛି ବୋଲି ସେ କହିଛନ୍ତି । ଉନବିଂଶ ଶତାବ୍ଦୀ ଆରମ୍ଭରେ ୧ ହଜାର ଲୋକ ଏଁଠାରେ ବାସ କରୁଥିଲେ । ଧୀରେ ଦୀରେ ଜନସଂଖ୍ୟା କମିଲା । ୧୯୭୫ରେ ଜନ୍ମହାର ବହୁତ କମିଲା । ୧୯୭୬ ଓ ୧୯୮୭ ମଧ୍ୟରେ ୧୭ ପିଲା ଜନ୍ମ ହୋଇଥିଲେ । ଏହି ସମସ୍ୟାରୁ ମୁକୁଳିବା ପାଇଁ ଓସଟାନା ନୂଆ ଚାକିରି ସୃଷ୍ଟି କରିବାକୁ ଯୋଜନା କରୁଛି । ସହରର ପରମ୍ପରା ରକ୍ଷା କରିବା ପାଇଁ ଏହାର ପ୍ରବେଶ ଦ୍ୱାରରେ ଏକ ବଗ ମଡେଲ ନିର୍ମିତ ହୋଇଛି । ତା ଥଂଟରେ ନୀଳ ରଙ୍ଗର ଗୋଟିଏ ଛୋଟ ବିଡ଼ା ଅଛି ।

## ଭୋଡକା ନେଲା ଜୀବନ



ଜୋସରେ ଆସି ହୋସ ଉଡାଇବା ଅନୁଚିତ । ବ୍ରାଜିଲର ବାଉର ମସକିଟୋ ୟୁନଭରସିଟିର ଛାତ୍ର ସାଙ୍ଗମାନଙ୍କ ସହ ମିଶି ଭୋଡକା ପିଇବାର ବାଜି ଲଗାଇଥିଲେ । ୨୩ ବର୍ଷୀୟ ହମବ୍ରୋଟ ମୁର ଫୋନସକା ୧ ମିନିଟରେ ୨୫ ଭୋଡକା ସୋଟସ ପିଇଥିଲେ । ହମବ୍ରୋଟଙ୍କଠାରୁ ଅନ୍ୟ କେହି ଶୀଘ୍ର ପିଇ ପାରିନଥିଲେ । ୨୫ଟି ଭୋଡକା ପିଇବା ପରେ ଜ୍ୱର ହେବା ପରି ଅନୁଭବ କରିଥିଲେ । ନିଶା ଅଧିକ ହୋଇ ଯାଇଥିବାରୁ ସେ ଅଚେତ ହୋଇପଡିଥିଲେ । ହମବ୍ରୋଟଙ୍କ ଅନ୍ୟ ସାଙ୍ଗମାନେ ବାନ୍ତି କରିବାରେ ଲାଗିଲେ । ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ଆମ୍ବୁଲାନ୍ସ ଡାକିବାକୁ ପଡିଥିଲା । ଭୋଟକା ପିଇଥିବା ସମସ୍ତ ଛାତ୍ରଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ହମବ୍ରୋଟଙ୍କ ହସ୍ପିଟାଲ ଯିବା ରାସ୍ତାରେ ମୃତ୍ୟୁ ହୋଇଥିଲା ।

## ଲାଭଦାୟକ ୱେବ୍‌ସାଇଟ୍



ଅନ୍‌ଲାଇନ୍ ସପିଂର ମଜା ଯିଏ କରିଛି ସିଏ ଜାଣିଛି । ଗୋଟିଏ କ୍ଲିକ୍‌ରେ ଜିନିଷ ପାଖରେ ଆସି ହାଜର ହୋଇଯାଏ । ନା ମୁଲେଇ କରିବାକୁ ପଡ଼ିଥାଏ ନା ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥାଏ । କଥାରେ କହନ୍ତି ବାପାମା’ଙ୍କୁ ଛାଡ଼ିଦେଇ ସବୁକିଛି ଇଣ୍ଟରନେଟ୍‌ରେ ଉପଲବ୍ଧ । କିନ୍ତୁ ଆଜି ଆପଣଙ୍କୁ ଆମେ ଏପରି ଏକ ୱେବ୍‌ସାଇଟ୍ ବିଷୟରେ ଜଣାଇବୁ ଯେଉଁଥିରୁ ଆପଣ ଯାହା ଚାହିଁବେ ତାହା କିଣିପାରିବେ । ଜାପାନର ଏକ ୱେବ୍‌ସାଇଟ୍ ନ୍ତରେଣ୍ଟଏବାଇଫଅଟୋବା ଡଟ୍ କମ୍’ରେ ଆପଣଙ୍କୁ ଅନ୍ତଃବସ୍ତ୍ରଠାରୁ ଆରମ୍ଭ କରି ମା-ବାପା, ପତି-ପତ୍ନୀ ଏବଂ ପିଲା ମଧ ଭଡ଼ାରେ ମିଳିଥାନ୍ତି । ବର୍ତ୍ତମାନ ଜାପାନରେ ଏହି ୱେବ୍‌ସାଇଟ୍ ଅନେକ ଲୋକପ୍ରିୟ ହୋଇଗଲାଣି । ଏହି ୱେବ୍‌ସାଇଟ୍‌ଟି ଗ୍ରାହକମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇବା ପାଇଁ ଗ୍ରାହକମାନଙ୍କଠାରୁ ମୋଟା ପରିମାଣର ଅର୍ଥ ନେଇଥାଏ । ଜାଣିରଖନ୍ତୁ ଏହି ୱେବ୍ ସାଇଟ୍‌ରେ କ’ଣ ସବୁ ମିଳୁଛି ? ଯଦି ଆପଣ ଏକଲା ଅଛନ୍ତି ତେବେ ଏହି ୱେବ୍‌ସାଇଟ୍‌ଟି ଆପଣଙ୍କ ଏକୁଟିଆପଣ ଦୂର କରିବା ପାଇଁ ଗ୍ରାହକଙ୍କ ଇଚ୍ଛା ମୁତାବକ ପୁରୁଷ କିମ୍ବା ସ୍ତ୍ରୀ ବନ୍ଧୁ ମଧ ଉପଲବ୍ଧ କରେଇଥାଏ ।

## ମୋଗଲ ଯୁଗର ଘଣ୍ଟେୱାଲା ଦୋକାନ

ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଣ୍ଟେୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତ୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଣ୍ଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

## କର୍କଟ ରୋଗୀଙ୍କୁ କେଶ ଦାନ

ମୁମ୍ବାଇର ପ୍ରାୟ ୫୨ ଯୁବତୀ ସେମାନଙ୍କର କେଶ କର୍କଟ ଗୋଗୀଙ୍କର କେଶ କର୍କଟ ଗୋଗୀଙ୍କୁ ଦାନ କରିଛନ୍ତି । କର୍କଟ ରୋଗୀଙ୍କ ମନୋବଳ ବଢାଇବା ପାଇଁ ସ୍ଥାନୀୟ ପେଦାର୍ ରୋଡ୍ ସ୍ଥିତ ଯଶଲୋକ ଡାକ୍ତରଖାନା ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । କର୍କଟ ପୀଡ଼ିତମାନେ ହଠାତ୍ ନିଜର ଶାରୀରିକ ପରିବର୍ତ୍ତନକୁ ଗ୍ରହଣ କରିପାରନ୍ତି ନାହିଁ । ଫଳରେମାନସିକ ଦୁଶ୍ଚିନ୍ତା ଓ ଅବସାଦର ଶିକାର ହୁଅନ୍ତି । ଡାକ୍ତରକାନା ସହ ହେୟାର୍ ଷ୍ଟାଇଲିଶ ସପ୍‌ନା ଭବାନାନୀ ସାମିଲ ହୋଇଛନ୍ତି । କେଶ ଦାତାଙ୍କୁ ସେ ନୂଆ ଲୁକ୍ ଦେଇଛନ୍ତି । ଦାନ କରାଯାଇଥିବା କେଶକୁ କର୍କଟ ରୋଗୀଙ୍କ କଲ୍ୟାଣ ପାଇଁ କାର୍ଯ୍ୟରତ ଏକ ଏନ୍‌ଜିଓରେ ପ୍ରଦାନ କରାଯାଇଛି । ଏହା କେଶରେ ୱିଗ୍ ତିଆରି କରି କର୍କଟ ରୋଗୀଙ୍କୁ ଦିଆଯିବ । କେଶ ଦାନ କରିଥିବା ୨୧ ବର୍ଷୀୟ ସ୍ନେହ ଶେଟ୍ଟୀ କହନ୍ତି ମୋ କେଶ ପାଇଥିବା ମହିଳା ଏବେ ଖୁସି ହୋଇପାରିବେ ଏବଂ ପୂର୍ବ ଭଳି ପୁଣି ଥରେ ସୌନ୍ଦର୍ଯ୍ୟ ଫେରିପାଇଥିବେ ।



## ୬ବର୍ଷ ବୟସରୁ ଦିଆଯାଏ ଶାରିରୀକ ସମ୍ପର୍କ ରଖିବାର ଶିକ୍ଷା

ପାପୁଆ ନ୍ୟୁ ଗିନି ସାଧାରଣତଃ ୬/୭ବର୍ଷ ବୟସର ଶିଶୁମାନେ ନିଜକୁ ପାଠ ପଢା ଓ ଖେଳ କୁଦରେ ମସଗୁଲ ରଖିଥାନ୍ତି । ହେଲେ ଏପରି ଏକ ଜନଜାତି ଆଜି ବି ପୃଥିବୀ ପୃଷ୍ଠରେ ବାସ କରୁଛନ୍ତି ଯେଉଁମାନେ ସେମାନଙ୍କର ପିଲାମାନଙ୍କୁ ୬ବର୍ଷ ବୟସରୁ ଶାରିରୀକ ସମ୍ପର୍କ ରକ୍ଷା କରିବାର ଶିକ୍ଷା ପ୍ରଦାନ କରିଥାନ୍ତି । ଏହି ଜନଜାତି ହେଉଛନ୍ତି ପାପୁଆ ନ୍ୟୁ ଗିନିରେ ରହୁଥିବା ଟ୍ରୋବ୍ରିଆଣ୍ଡ । ୬ବର୍ଷ ବୟସରୁ ସେମାନଙ୍କୁ ଏହି ଶିକ୍ଷା ଦେବାପରେ ୧୦ବର୍ଷ ବୟସରୁ ସେମାନଙ୍କୁ ବିବାହ ବନ୍ଧନରେ ବାନ୍ଧିଥାନ୍ତି । ଏହି ଜନଜାତିର ଅଭିଭାବକମାନେ ସେମାନଙ୍କର ଶିଶୁମାନଙ୍କୁ କିପରି ଶାରିରୀକ ସମ୍ପର୍କ ରକ୍ଷା କରାଯିବ ତା’ର ପ୍ରଶିକ୍ଷଣ ଦିଅନ୍ତି । ପୁଅ ଓ ଝିଅ ମନୋନୀତ କରିବା ଏହ ଉଭୟ ପରିବାରର ସହମତିରେ ହିଁ ହୋଇଥାଏ । ସାଧାରଣତଃ ଯେଉଁ ପୁଅ ଝିଅଙ୍କ ମଧ୍ୟରେ ଶାରିରୀକ ସମ୍ପର୍କ ପାଇଁ ଅଭିଭାବକମାନେ ସହଯୋଗ ଯୋଗାଇଥାନ୍ତି ସେମାନଙ୍କ ମଧ୍ୟରେ ହିଁ ହୁଏ ବିବାହ । ଅନେକ ବର୍ଷ କାଳରୁ ଏହି ପରମ୍ପରା ଚାଲିଆସୁଛି । ସେହିପରି ଜନଜାତିର ଅନେକ ଅଜବ ନିୟମ ଆଜି ବି ରହିଛି । ଯେଉଁ କାରଣରୁ ଏହି ଆଇଲାଣ୍ଡରେ ରହୁଥିବା ଜନଜାତିଙ୍କୁ ନ୍ତର୍ଫି ଲଭ କମ୍ୟୁନିଟଓ’ କୁହାଯାଏ । ବର୍ତ୍ତମାନ ଏହି ଜନଜାତିଙ୍କ ସଂଖ୍ୟା ୧୨ହଜାର ଥିଲ ବେଳେ ବାହାର ଦୁନିଆ ସହ ସେମାନଙ୍କ ଯୋଗାଯୋଗ ଆଦୌ ନାହିଁ କହିଲେ ଚଳେ ।




# ଶକ୍ତି ଉପାସନାର ସ୍ଥଳ ତୀର୍ଥରାଜ ପ୍ରୟାଗ



ପୁଣ୍ୟଭୂମି ଭାରତ ବର୍ଷର ଉତ୍ତରରୁ ଦକ୍ଷିଣ ପର୍ଯ୍ୟନ୍ତ ସାରା ଭାରତରେ ଶକ୍ତିଙ୍କର ଅସଂଖ୍ୟ ଉପାସନା ଓ ଅର୍ଚ୍ଚନା ସ୍ଥଳୀ ରହିଛି। ସେଗୁଡ଼ିକ ମଧ୍ୟରେ ତୀର୍ଥରାଜ ପ୍ରୟାଗ ଶକ୍ତି ଉପାସନାର ପ୍ରମୁଖ ସ୍ଥଳ ଭାବରେ ପରିଚିତ। ମୁଖ୍ୟତଃ ୫୧ ଟି ମହାପୀଠର ବିଶେଷ ଗୁରୁତ୍ୱ ରହିଛି।

ହିନ୍ଦୁ ଶାସ୍ତ୍ର ଅନୁଯାୟୀ ବ୍ରହ୍ମାଙ୍କ ପୁତ୍ର ଦକ୍ଷରାଜ ମା' ଶକ୍ତିଙ୍କୁ ନିଜର ଝିଅ(ସତୀ) ରୂପରେ ପାଇବା ପରେ ମାତା ସତୀଙ୍କୁ ଶିବ ବିବାହ କରି କୈଳାଶ ପର୍ବତ ନେଇଗଲେ। ଦକ୍ଷରାଜଙ୍କ ରାଗ ଚରମ ସୀମାରେ ପହଂଚିଗଲା। ଶିବଙ୍କୁ ସବୁ ଦେବୀ ଦେବତାଙ୍କ ସାମ୍ନାରେ ଅପମାନିତ କରିବା ପାଇଁ ଦକ୍ଷ ଏକ ଯଜ୍ଞର ଆୟୋଜନ କଲେ। ଝିଅ ମାତା ସତୀ ଓ ଜ୍ୱାଇଁ ଭଗବାନ ଶିବଙ୍କୁ ନିମନ୍ତ୍ରଣ କଲେ ନାହିଁ। ମାତା ସତୀ ସ୍ୱଂୟ ବାପାଙ୍କ ଯଜ୍ଞ ସ୍ଥଳରେ ପହଂଚିଲେ। ଦକ୍ଷ ଝିଅ ଜ୍ୱାଇଁଙ୍କୁ ଅପମାନ ସୂଚକ ଶବ୍ଦ ସବୁ ଶୁଣାଇଲେ। ବାପାଙ୍କ ଅପମାନକୁ ସହ୍ୟ କରି ନପାରି ମାତା ସତୀ ଅଗ୍ନି କୁଣ୍ଡରେ ଆତ୍ମଦାହ କଲେ। ତ୍ରିକାଳଦର୍ଶୀ ଭଗବାନ ଶିବ ଏ ଖବର ଜାଣି ସେଠାରେ ପହଂଚିଲେ ଓ ଗଭୀର ଦୁଃଖରେ ସତୀଙ୍କ ମର ଶରୀର ଧରି ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ। ଭଗବାନ ବିଷ୍ଣୁ ଅନୁଭବ କଲେ ଯେ, ଯେପର୍ଯ୍ୟନ୍ତ ଭଗବାନ ଶିବଙ୍କ ହସ୍ତରୁ ମାତା ସତୀଙ୍କ ମର ଶରୀର ଅଲଗା ହୋଇନାହିଁ, ସେପର୍ଯ୍ୟନ୍ତ ଶିବ ଶାନ୍ତ ହେବେ ନାହିଁ। ସଙ୍ଗେସଙ୍ଗେ ଶିବ ଧରିଥିବା ସତୀଙ୍କ ମର ଶରୀରକୁ ଖଣ୍ଡ ବିଖଣ୍ଡିତ କରି





ଆତ୍ମା ରହିତ କରିବାକୁ ଭଗବାନ ବିଷ୍ଣୁ ନିଜର ସୁଦର୍ଶନ ଚକ୍ରକୁ ଆଦେଶ ଦେଲେ। କିଛି ସମୟ ମଧ୍ୟରେ ମା'ସତୀଙ୍କ ଶରୀର ଖଣ୍ଡ ବିଖଣ୍ଡିତ ହୋଇଗଲା ଓ ମା'ଙ୍କ ଶରୀରର ବିଭିନ୍ନ ଅଂଶ ଭାରତୀୟ ଉପମହାଦେଶର ବିଭିନ୍ନ ସ୍ଥାନରେ ବିଂଚି ହୋଇ ପଡ଼ିଲା। ଶେଷରେ ମାତା ସତୀଙ୍କ ଅଙ୍ଗର ମୁଖ୍ୟାଂଶ ସହ ସମସ୍ତ ଖଣ୍ଡକୁ ଖୋଜି ପୂଜାର୍ଚ୍ଚନା ତଥା ଖଣ୍ଡ ଗୁଡ଼ିକୁ ସୁରକ୍ଷା ଦେବା ପାଇଁ ଭଗବାନ ଭୈରବଙ୍କୁ ନିର୍ଦ୍ଦେଶ ଦେଲେ ବ୍ରହ୍ମା। ସେହି ଦୁର୍ଲଭ ସ୍ଥାନ ଗୁଡ଼ିକୁ ଭଗବାନ ବ୍ରହ୍ମା, ଭଗବାନ ବିଷ୍ଣୁ ଓ ଭଗବାନ ଶିବ ମିଶି ଶକ୍ତି ପୀଠର ମାନ୍ୟତା ଦେଲେ। ତେବେ ପ୍ରୟାଗରେ ଏପରି ୩ଟି ସ୍ଥାନ ରହିଛି, ଯେଉଁ ସ୍ଥାନ ମାନଙ୍କରେ ମାତା ସତୀଙ୍କର ଅଙ୍ଗ ଖଣ୍ଡ ଗୁଡ଼ିକ




ପଡ଼ିଥିଲା। ଏଠାରେ ମାତା ଲଳିତା ଦେବୀ, ମାତା କଲ୍ୟାଣୀ ଦେବୀ ଓ ମାତା ଅଲୋପଶଙ୍କରୀ ଦେବୀ ରହିଛନ୍ତି। ଏହି ଶକ୍ତିପୀଠ ଗୁଡ଼ିକରେ ପୂଜା ଏବଂ ଦର୍ଶନ କରିବାକୁ ଦୂରଦୂରାନ୍ତରୁ ବହୁ ସଂଖ୍ୟାରେ ଭକ୍ତ ଓ ଶ୍ରଦ୍ଧାଳୁ ମାନେ ଆସିଥାନ୍ତି। ନବରାତ୍ରରେ ପ୍ରତି ମନ୍ଦିରରେ ବିଶେଷ ପୂଜା ଓ ଅନୁଷ୍ଠାନ ହୋଇଥାଏ। ଏହି ଉତ୍ସବରେ ପ୍ରତିଦିନ ଶହ ଶହ ଭକ୍ତ ସାମିଲ ହୋଇଥାନ୍ତି।

ଯମୁନା ନଦୀ କୂଳରେ ମୀରପୁର ସ୍ଥିତ ମା' ଲଳିତାଙ୍କ ଏହି ପ୍ରାଚୀନ ମହା ଶକ୍ତିପୀଠ ମନ୍ଦିରରେ ମାତା ସତୀଙ୍କ ହାତର ଅଙ୍ଗୁଳି ପଡ଼ିଥିଲା। ସେହି ସ୍ଥାନରେ ମା'ଭଗବତୀ, ମହାକାଳୀ, ମହାଲକ୍ଷ୍ମୀ ଓ ମହା ସରସ୍ୱତୀ ରୂପରେ ଅଧିଷ୍ଠିତ ଅଛନ୍ତି। ଏହି ମନ୍ଦିରରେ ପ୍ରବେଶ କରିବା ମାତ୍ରେ ନିଜ ଭିତରେ ଦିବ୍ୟ ଶକ୍ତିର ଅନୁଭବ ହୋଇଥାଏ। ମାତାଙ୍କର ଡ଼ାହାଣ ହାତରେ ସଂକଟ ମୋଚନ ହନୁମାନ, ରାମ, ଲକ୍ଷ୍ମଣ, ସୀତା ଓ ନବଗ୍ରହ ମାନଙ୍କର ଦିବ୍ୟ ମୂର୍ତ୍ତି ମାନ ସ୍ଥାପିତ ହୋଇଛି। ମନ୍ଦିର ଭିତରେ ରାଧା-କୃଷ୍ଣଙ୍କର ଭବ୍ୟ ମୂର୍ତ୍ତି ଗୁଡ଼ିକ ଭକ୍ତ ମାନଙ୍କର ମନ ମୋହିନିଏ। ନବରାତ୍ର ବେଳେ ଫୁଲ ଓ ଅଳଙ୍କାରରେ ମାତାଙ୍କର ଶୃଙ୍ଗାର କରା ଯାଇଥାଏ।

ମାତା ଲଳିତା ଦେବୀଙ୍କ ଭଳି ମାତା କଲ୍ୟାଣୀ ଦେବୀ ମନ୍ଦିରରେ ମଧ୍ୟ ମାତା ସତୀଙ୍କ ଅଙ୍ଗୁଳି ଖଣ୍ଡ ପଡ଼ିଥିଲା। ମତ୍ସ୍ୟ ପୁରାଣର ୧୩ଶ ଅଧ୍ୟାୟରେ ଯେଉଁ ୧୦୮ ପୀଠର ବର୍ଣ୍ଣନା ହୋଇଛି, ସେଥିରେ କଲ୍ୟାଣୀ ଲଳିତାଙ୍କ ନାମ ସର୍ବ ପ୍ରଥମେ ଆସିଛି। ମହର୍ଷି ଯାଜ୍ଞବଲ୍କ୍ୟ ଆରାଧାନା ପାଇଁ ଏହି ସ୍ଥାନକୁ ପସନ୍ଦ କରିଥିଲେ। ଏଠାରେ ମାତା କଲ୍ୟାଣୀ ଚତୁର୍ଭୁଜ ରୂପରେ ସିଂହ ଉପରେ ବସି ବିଦ୍ୟମାନ ଅଛନ୍ତି। ମୂର୍ତ୍ତିର ଶୀର୍ଷରେ ଆଭାଚକ୍ର ରହିଛି, ମସ୍ତକ ଉପରେ ଯୋନୀ, ଲିଙ୍ଗ ଏବଂ ଫଣୀନ୍ଦ୍ର ଶୋଭା ପାଉଛି। ଦକ୍ଷିଣ ଭାଗରେ ଦେବାଧିଦେବ ମହାଦେବ ଓ ଗଜାନନ ଗଣେଷଙ୍କର ମନୋରମ ପ୍ରତିମା ସ୍ଥାପିତ ହୋଇଛି।

ମାତା ଅଲୋପଶଙ୍କରୀଙ୍କ ଭିତରେ ଲୋପ ହୋଇ ଯାଇଛନ୍ତି। ସଂଗମଠାରୁ କିଛି ଦୂରରେ ଅବସ୍ଥିତ ମାତା ଅଲୋପଶଙ୍କରୀଙ୍କ ପ୍ରାଚୀନ ସିଦ୍ଧପୀଠ ହେଉଛି ମନ୍ଦିର। ପୁରାଣ ଅନୁସାରେ ଏଠାରେ ମାତା ସତୀଙ୍କର ଯେଉଁ ଅଙ୍ଗ ପଡ଼ିଥିଲା, ତାହା ଲୋପ ହୋଇଗଲା। ଏହି କାରଣରୁ ମା'ଭଗବତୀଙ୍କ ପୂଜା ଅଲୋପଶଙ୍କରୀଙ୍କ ରୂପରେ ହୋଇଥାଏ। ନବରାତ୍ର ବ୍ୟତୀତ ସୋମବାର ଓ ଶୁକ୍ରବାର ଏଠାରେ ବିଶାଳ ମେଳା ବସିଥାଏ। ପୁରାଣରେ କ୍ଷମା ମାତାଙ୍କ ମନ୍ଦିର ସଂପର୍କରେ ବ୍ୟାପକ ବର୍ଣ୍ଣନା କରାଯାଇଛି। ଏଠାରେ ମା' ଭଗବତୀ ଚନ୍ଦ୍ରଘଣ୍ଟା ରୂପରେ ଅଧିଷ୍ଠିତ ଅଛନ୍ତି। ସାରା ଦୁନିଆର ଏହା ଏକମାତ୍ର ମନ୍ଦିର, ଯେଉଁଠି ମା'ଦୁର୍ଗାଙ୍କର ନଅଟି ସ୍ୱରୂପକୁ ଏକ ସଙ୍ଗରେ




ଦର୍ଶନ କରାଯାଇ ଥାଏ। ସଚ୍ଚା ହୃଦୟରେ ମା'ଙ୍କ ଦର୍ଶନ ମାତ୍ରେ ହିଁ ମଣିଷକୁ ସମସ୍ତ ମାନସିକ ଓ ଶାରୀରିକ ଯନ୍ତ୍ରଣାରୁ ମୁକ୍ତି ମିଳିଥାଏ। ନବରାତ୍ର ବେଳେ ପ୍ରତିଦିନ ଦେବୀଙ୍କର ଭିନ୍ନ ଭିନ୍ନ ସ୍ୱରୂପର ବିଶେଷ ଶୃଙ୍ଗାର କରାଯାଇଥାଏ। ସିଦ୍ଧପୀଠ ବ୍ୟତୀତ ସହରର ମସୁରିଆ ଦେବୀ, ଶୀତଳା ମାତା, ଅଷ୍ଟଭୁଜା ଦେବୀ, କାଳୀ ମାତା ଆଦି ମନ୍ଦିରରେ ପ୍ରତିଦିନ ସକାଳ ଓ ସଂଧ୍ୟାରେ ବସ୍ତ୍ର, ଅଳଙ୍କାର ଓ ଫୁଲରେ ମାତାଙ୍କ ଦିବ୍ୟ ସ୍ୱରୂପର ଶୃଙ୍ଗାର କରାଯାଇ ସାମୂହିକ ଆଳତୀ ହୋଇଥାଏ। ନବରାତ୍ର ଉତ୍ସବ ସମୟରେ ନିଜର ମନୋ କାମନା ପୂରଣ ପାଇଁ ଭକ୍ତ ମାନେ ବ୍ରତ ସହ ଶକ୍ତି ସ୍ୱରୂପା ମା' ଭଗବତୀଙ୍କ ଆରାଧନା କରିଥାନ୍ତି। ଯଦ୍ୱାରା ଭକ୍ତମାନଙ୍କର ମନୋସ୍କାମନା ଅତିଶୀଘ୍ର ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି।

**ଶରତ କୁମାର ରାଉତ,** ଭୁବନେଶ୍ୱର, ମୋ: ୯୩୩୭୩୬୯୪୪୮/୯୪୩୭୪୪୧୦୭୨

# ପୁରାଣବିଦିତ ଅବତାରବାଦ ଓ ପ୍ରଭୁ ଶ୍ରୀରାମ



ଭାରତୀୟ ସାଂସ୍କୃତିକ ପରମ୍ପରା ନିର୍ମାତା ଏକ ଅପୂର୍ବ ଏବଂ ଅତୁଳନୀୟ ଗୋଷ୍ଠୀ, ଯେଉଁମାନେ ମୁନି, ଋଷି ଭାବରେ ସର୍ବଜନ ବିଦିତ। ସେଇ ମନ୍ତ୍ରଦ୍ରଷ୍ଟା, ଆତ୍ମଦର୍ଶୀ ମାନଙ୍କର ଅନୁଭୂତ ପ୍ରେରଣାରୁ ନିର୍ଗତ ହୋଇଛି ଏ ମହାନ ଜାତିର କାବ୍ୟ କବିତା, ଶିକ୍ଷା, ଦର୍ଶନ ଓ ସଂସ୍କୃତିର ଅନ୍ୟାନ୍ୟ ସକଳ ବିଭବ। ତପୋଧନ ମହର୍ଷି ବାଲ୍ମୀକିଙ୍କ ଲେଖନୀ ପ୍ରସୂତ ରାମାୟଣ ମହାକାବ୍ୟ ଏକ ସୁବିନ୍ୟସ୍ତ ସଂସ୍କରଣ, ଯାହା ସମଗ୍ର ଭାରତୀୟ ସାହିତ୍ୟକୁ ପ୍ରଭାବିତ କରିଛି। ଏହି ମହାନ ସୁବିପୁଳ ଗ୍ରନ୍ଥର ଜନପ୍ରିୟତା ସମଗ୍ରଭାରତ ବର୍ଷରେ ବହୁକାଳରୁ ପ୍ରଚଳିତ ହୋଇ ଆସିଛି। ପ୍ରସଙ୍ଗାନୁକ୍ରମେ ଗ୍ରନ୍ଥର ବହୁଳାଂଶ ବାସ୍ତବତାର ବିବିଧ ସ୍ତରର ବର୍ଣ୍ଣନା ପାଟବ, ତଥା କମନୀୟ ଓ ମାର୍ମୀକ ଦୃଷ୍ଟାନ୍ତରେ ବିମଣ୍ଡିତ ହୋଇ ଗ୍ରନ୍ଥର କଳେବରକୁ ବିସ୍ତୃତ ଓ ସୁସମୃଦ୍ଧ କରିଛି। ମହାନ ରଘୁବଂଶର ଅମର କୀର୍ତ୍ତିଗାଥା ବିଦ୍‌ଗଧ ପାଠକ ଓ ଉଦ୍‌ଗ୍ରୀବ ଶ୍ରୋତା ମଣ୍ଡଳୀ ଶ୍ରବଣ ଓ ମନନ କରି ଯେତିକି ଯେତିକି ଅଗ୍ରସର ହୁଅନ୍ତି, ସେତିକି ସେତିକି ବାଣୀ ଭଣ୍ଡାରରୁ ଅମୂଲ୍ୟରତ୍ନ ଲାଭ କରି କୃତାର୍ଥ ଓ କୃତ୍ୟ କୃତ୍ୟ ହୋଇଯାଆନ୍ତି। କାରଣ ଉର୍ମିଳ ମହୋଦଧି ପରି ତରଙ୍ଗାୟିତ ଏହି ସାରସ୍ୱତ ବାଙ୍ମୟ ମହାପ୍ରବାହ ଉଭୟ କର୍ମ ଜିଜ୍ଞାସା ଓ ଜ୍ଞାନଜିଜ୍ଞାସାର ଅମ୍ଳାନ ସ୍ୱାକ୍ଷର ବହନ କରି ଭାରତବର୍ଷର ଜୀବନଧାରାକୁ ବିପୁଳ ମାତ୍ରାରେ ପ୍ରଭାବିତ ଓ ଆକର୍ଷିତ କରି ନିଜସ୍ୱ ମହିମାରେ ଅଭିଭୂତ କରିଛି । ଏହି ପରିଦୃଶ୍ୟମାନ ସ୍ଥୁଳ ଜଗତ ବିଶ୍ୱାତ୍ମା ଭଗବାନଙ୍କର ଛଦ୍ମରୂପର ଏବଂ ବିଧ ପରିପ୍ରକାଶ। ଆମେ ଏହି ଜଗତରେ ଜନ୍ମ ନେଇ ଯେଉଁ ସବୁ ମୂଲ୍ୟବୋଧ ଦ୍ୱାରା ପରିଚାଳିତ ହେଉଛୁ, ସେ ସବୁର ଅସାରତା ଯେ ରାମାୟଣ ଗ୍ରନ୍ଥରେ ପ୍ରତିପାଦିତ ହୋଇଛି ଏଥିରେ ତୀଳେମାତ୍ରେ ସନ୍ଦେହ ନାହିଁ। ଗ୍ରନ୍ଥର ସୁଦୀର୍ଘ କଳେବର ମଧ୍ୟରେ ପ୍ରତିପାଦିତ ଦୃଶ୍ୟମାନ ବସ୍ତୁ ଏବଂ ପ୍ରତ୍ୟେକ ପରିସ୍ଥିତିର ଅନ୍ତରାଳରେ ଆତ୍ମଗୋପନ କରିଥିବା ବାସ୍ତବ ସତ୍ୟକୁ ଉପଲବ୍ଧି କଲେ ଜଣେ ସଂସାରର ଜାଗତିକ ବନ୍ଧନରୁ ମୁକ୍ତି ହୋଇପାରିବ।



ହର୍ଷ ଓ ବିଷାଦପୂର୍ଣ୍ଣ ଘଟଣାର ବହୁଳତାକୁ ଦୃଷ୍ଟିରେ ରଖି ପ୍ରାଜ୍ଞପୁରୁଷ ମହର୍ଷି ବାଲ୍ମୀକି ସମଗ୍ର ଗ୍ରନ୍ଥର କଳେବରକୁ ସାତଟି ବିଭାଗ (କାଣ୍ଡ)ରେ ବିଭକ୍ତ କରିଛନ୍ତି। (୧) ବାଳକାଣ୍ଡ (୨) ଅଯୋଧ୍ୟାକାଣ୍ଡ (୩) ଅରଣ୍ୟକାଣ୍ଡ (୪) କିଷ୍କିନ୍ଧାକାଣ୍ଡ (୫)ସୁନ୍ଦରକାଣ୍ଡ (୬) ଲଙ୍କାକାଣ୍ଡ (୭) ଉତ୍ତରାକାଣ୍ଡ। ଭଗବାନ ପ୍ରଭୁ ଶ୍ରୀରାମଙ୍କ ବାଲ୍ୟଲୀଳା, ବାଳକାଣ୍ଡରେ ଲୀଳାଇତ ହୋଇଛି । ଅବତାରବାଦ ଭାରତୀୟ ଚେତନାର ଏକ ସୁମହତ୍ ଓ ମୌଳିକ ବିଶେଷତ୍ୱ ଅଟେ। ଅବତାର କହିଲେ କୌଣସି ସର୍ବୋଚ୍ଚସ୍ତରରୁ ଧରାପୃଷ୍ଠକୁ ଅବତରଣ କରି ଏକ ଦୃଶ୍ୟମାନ ରୂପ ପରିଗ୍ରହ କରୁଥିବା ମହତ୍ୱର ଚେତନା ହିଁ ଅବତାରକୁ ବୁଝାଏ। ବିଚିତ୍ର ସୃଷ୍ଟିର କ୍ରମାଗତ ସ୍ଥିତିପାଇଁ ପରଂବ୍ରହ୍ମଙ୍କର ବିଷ୍ଣୁରୂପ ମୁଖ୍ୟତ ଦାୟୀ। ତେଣୁ ଆବଶ୍ୟକ ମତେ ଭଗବାନ ବିଷ୍ଣୁ ହିଁ ବାରମ୍ବାର ଅବତାର ଗ୍ରହଣ କରନ୍ତି। ଅବତାରତ୍ତ୍ୱର ଯଥାର୍ଥ ମହାତ୍ମ୍ୟ ବୁଝାଇବାକୁ ଯାଇ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି - ଯେତେବେଳେ ଧର୍ମର ଗ୍ଲାନିଘଟି, ଅଧର୍ମ ମାତ୍ରା ବୃଦ୍ଧି ହୁଏ ସେତେବେଳେ ହିଁ ମୁଁ ନିଜକୁ ସାକାର ରୂପରେ ପ୍ରକଟିତ କରେ। ସାଧୁ (ଭକ୍ତ) ଜନମାନଙ୍କୁ ପରିତ୍ରାଣ କରି, ପାପାଚାରୀ ମାନଙ୍କୁ ବିନାଶ କରିବା ଏବଂ ଉତ୍ତମ ରୂପେ ଧର୍ମ ସ୍ଥାପନ କରିବା ନିମିତ୍ତ ମୁଁ ଯୁଗ ଯୁଗ ଧରି ଧରାମାର୍ଗରେ ଅବତୀର୍ଣ୍ଣ ହୋଇଥାଏ।

ରାମାୟଣ ଯୁଗରେ (ତ୍ରେତା), କୁଳଗୁରୁ ବଶିଷ୍ଠ ଓ ଋଷ୍ୟଶୃଙ୍ଗ କର୍ତ୍ତୃପ ରାଜାଦଶରଥଙ୍କ ଦ୍ୱାରା ଅନୁଷ୍ଠିତ ପୁତ୍ରେଷ୍ଟି ଯଜ୍ଞ ସମାପନ ପରେ ପବିତ୍ର ଚୈତ୍ର ଶୁକ୍ଲପକ୍ଷ ନବମୀ ତିଥିରେ ପ୍ରଭୁ ଶ୍ରୀରାମ ମାତା କୌଶଲ୍ୟାଙ୍କ କୋଳ ମଣ୍ଡନ କରିଥିଲେ। ବାଲ୍ୟଲୀଳାର ଅନ୍ତଘଟାଇ ରାମାୟଣର ମହାନାୟକ ରାଜକୁମାର ଶ୍ରୀରାମଙ୍କ ସହିତ ଜନକ ନନ୍ଦିନୀ ସୀତାଙ୍କର ଶୁଭପରିଣୟ ଅନୁଷ୍ଠିତ ହେବାପରେ ବରଯାତ୍ରୀଙ୍କ ସହ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ଓ ପ୍ରଜା ସାମାକୁଳ ଅଯୋଧ୍ୟା କଟକରେ ଅନିର୍ବଚନୀୟ ଆନନ୍ଦମୁଖର ପରିବେଶ ସୃଷ୍ଟି ହୋଇଛି ଅଯୋଧ୍ୟା କାଣ୍ଡରେ। କୋଳାହଳପୂର୍ଣ୍ଣ ରାଜ ନଅରରେ, ରାଜକୁମାର ଶ୍ରୀରାମଙ୍କ ରାଜ୍ୟାଭିଷେକର ଆୟୋଜନ ପରିପ୍ରେକ୍ଷୀରେ ମାତା କୈକେୟୀ କର୍ତ୍ତୃକ ମନ୍ଥରାଙ୍କ ଚକ୍ରାନ୍ତରେ ରାଜ୍ୟାଭିଷେକ ଅନୁଷ୍ଠିତ ହେବା ପରିବର୍ତ୍ତେ ସମଗ୍ର ଅଯୋଧ୍ୟାବାସୀଙ୍କ ମନରେ ବିଷାଦର ଛାୟା ଖେଳି ଯାଇଛି। ଶୋକାକୁଳ ପରିବେଷ ମଧ୍ୟରେ ପ୍ରଭୁ ଶ୍ରୀରାମଙ୍କର ଚଉଦବର୍ଷ ବନଗମନ ସାଙ୍ଗକୁ, ଶ୍ରୀରାମଙ୍କ ଅବର୍ତ୍ତମାନରେ ଦଶରଥଙ୍କର ମହାପ୍ରୟାଣ ଜନିତ ଦାରୁଣ ଦୁଃଖ, ଗ୍ରନ୍ଥର କଳେବରକୁ କାରୁଣ୍ୟତାରେ ଭରି ଦେଇଛି। ପୁତ୍ର ଶୋକାତୁର ସତ୍ୟସନ୍ଧରାଜା ଦଶରଥ, ପ୍ରଭୁ ଶ୍ରୀରାମଙ୍କ ବିରହରେ ମ୍ରିୟମାଣ ହୋଇ ଶୋକ ଜର୍ଜରିତ ଚିତ୍ତରେ ହେମୋର ପ୍ରାଣପ୍ରିୟ ରାମ! ହା ଜାନକୀ ହା ଲକ୍ଷ୍ମଣ! ହାପିତା - ଚିତ୍ତ- ଚକୋର - ହିତକାରୀ ମେଘ! କହି କହି ଭୂମିରେ ଲୋଡ଼ି ପଡିଲେ ପୁଣି ଶେଷଥର ପାଇଁ ରାମ ରାମ ଉଚ୍ଚାରଣ କରି ଶ୍ରୀରାମଙ୍କ ବିରହରେ ମର ଶରୀର ତ୍ୟାଗ କରି ସୁର ଲୋକକୁ ଗମନ କଲେ।



ପ୍ରଜାସମାକୁଳ, କୋଳାହଳପୂର୍ଣ୍ଣ ଅଯୋଧ୍ୟା କଟକ ସର୍ବହୀତକାରୀ ପ୍ରଭୁଶ୍ରୀରାମ ଓ ପ୍ରଜାନୁରଞ୍ଜନ ନରପତି ଦଶରଥଙ୍କ ବିଚ୍ଛେଦରେ ଅବ୍ୟକ୍ତ ଯନ୍ତ୍ରଣାରେ ବିଦୀର୍ଣ୍ଣ ହୋଇ ଏକ ଅନଗତ ଭବିଷ୍ୟତକୁ ଅପେକ୍ଷା କରି ପଡ଼ି ରହିଲା। ଅତୁଳନୀୟ ରାଜବୈଭବର ଆଶକ୍ତି ପରିହାର କରି, ଭାଇ ଭାର୍ଯ୍ୟାଙ୍କୁ ସାଙ୍ଗରେ ନେଇ ଦୁର୍ବିସହ ଦୁଃଖଯନ୍ତ୍ରଣାକୁ ପାଥେୟକରି ପ୍ରଭୁ ଶ୍ରୀରାମ ଗହନ କାନ୍ତାର ମଧ୍ୟରେ ଅନିର୍ଦ୍ଦିଷ୍ଟ ଲକ୍ଷ୍ୟପଥରେ ଘୁରି ବୁଲିଲେ। ଦଣ୍ଡକାରଣ୍ୟରେ ଅବସ୍ଥାନ କାଳରେ ପ୍ରଭୁ ଶ୍ରୀରାମ ଓ ଅନୁଜ ଲକ୍ଷ୍ମଣଙ୍କ ଅନୁପସ୍ଥିତିରେ ଦୁରାଚାରୀ ଦଶାନନ, କୁଡ଼ିଆ ମଧ୍ୟରୁ ମାତା ସୀତାଙ୍କୁ ଏକାକିନୀ ଦେଖି ଅପହରଣ କରି ନେଲା। ବାଲ୍ୟଲୀଳା ଶେଷରେ ଆଦ୍ୟଯୌବନ କାଳରେ ପ୍ରଭୁ ଶ୍ରୀରାମ ବହ୍ମର୍ଷି ବିଶ୍ୱାମିତ୍ର କର୍ତ୍ତୃକ ବିଦେହ ମଣ୍ଡଳରେ ପ୍ରବେଶ, ପଥରେ ଅଭୀଶପ୍ତା ଅହଲ୍ୟାଙ୍କର ଶାପମୋଚନ, ଶିବଧନୁ ଭାଙ୍ଗି ସୀତାଙ୍କ ପାଣିଗ୍ରହଣ ଆଦି ନାନାବିଧ ପାର୍ଥୀବ ଓ ପାରମାର୍ଥୀକ କାର୍ଯ୍ୟ ଶେଷକରି ସୀତାଙ୍କ ପିତୃସତ୍ୟପାଳି ଚଉଦବର୍ଷ କାଳ ଦୁସ୍ତର ବନବାସ ଜୀବନ କଟାଇବାକୁ ଲାଗିଲେ। ଇତିମଧ୍ୟରେ ସୀତା ହରଣ ଜନୀତ ହୃଦୟ ବିଦାରକ ଦୁଃଖ ଓ ବିଶ୍ୱତ୍ରାସ ରାବଣ ସମେତ ବହୁରାକ୍ଷସଙ୍କୁ ବଧକରି ଅବତାର ବାଦର ବୈଶିଷ୍ଟ୍ୟ ପ୍ରତିପାଦନ କଲେ। ପ୍ରାଣପ୍ରିୟା ସୀତାଙ୍କୁ ପାଇଲାବେଳକୁ ଚଉଦବର୍ଷର ବନବାସ ଜୀବନ ଶେଷ ହୋଇ ଆସିଛି। ଭାଇ ଭାର୍ଯ୍ୟାଙ୍କୁ ସାଙ୍ଗରେ ନେଇ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ କରିଛନ୍ତି। ରାଜଧର୍ମର ପାରମ୍ପରିକ ରୀତିରେ ରାଜ ସିଂହାସନରେ ଅଭୀଷିକ୍ତ ହୋଇ, ରାଜଧର୍ମ ପାଳନ ଅବସରରେ ଆଉ ଏକ ଦାରୁଣ ବିପତ୍ତିର ସମ୍ମୁଖୀନ ହୋଇ, ପ୍ରଜାକୁଳର ସବୁଠାରୁ ଅଧମ ପର୍ଯ୍ୟାୟ ପ୍ରତି ସମ୍ମାନ ଜଣାଇ ତୀବ୍ର ଅଭିମାନ ଓ ଦାରୁଣ ଦୁଃଖାଭିଭୂତ ପ୍ରଭୁ ଶ୍ରୀରାମ ସୀତାଙ୍କୁ ନିର୍ବାସନ ଦଣ୍ଡରେ ଦଣ୍ଡିତ କରିଛନ୍ତି। ମୁନି ପୁଙ୍ଗବ ବାଲ୍ମୀକିଙ୍କ ଆଶ୍ରମରେ ଆଶ୍ରୟ ନେଇ କାନ୍ତ ବିରହ ବିଧୁରା ପତିପ୍ରାଣା ଜାନକୀ ଯମଜ-ସନ୍ତାନ ଲବ ଓ କୁଶ ଦୁଇ ଭାଇଙ୍କୁ ଜନ୍ମ ଦେଇଛନ୍ତି । ହାୟ ବିଧାତା ଏହାତ ପୁଣି ମନୁଷ୍ୟ ଜୀବନର ଦୁଃଖଦ କାହାଣୀ। ରାମାୟଣର ସୀତା ହେଉଛନ୍ତି, ଜଣେ ଆଦର୍ଶବାଦିନୀ ସଂସ୍କୃତି ସଚେତନଶୀଳା ଆଦର୍ଶ କୂଳବଧୂ। ଜଣେ ଆଦର୍ଶବାଦିନୀ କୂଳବଧୂର ସମସ୍ତ ନୈତିକ ଗୁଣାବଳୀକୁ ବହନ କରି, ସେ ନିଜର ସାମାଜିକ ଜୀବନ ନିର୍ବାହ କରିଛନ୍ତି। ପ୍ରଭୁ ଶ୍ରୀରାମଙ୍କ ବନବାସ କାଳରେ ସ୍ୱାମୀଙ୍କ ଦୁଃଖରେ ସମଦୁଃଖିନୀ ହୋଇ ସେ ଶ୍ରୀରାମଙ୍କ ସହିତ ବନବାସିନୀ ହୋଇଛନ୍ତି। ରାବଣ ଦ୍ୱାରା ଅପହୃତା ହେବା ପରେ ସେ ନିଜର ସତୀତ୍ୱକୁ ପରୀକ୍ଷା କରିବା ପାଇଁ ନିଜକୁ ଅଗ୍ନିଗର୍ଭରେ ନିକ୍ଷେପ କରିଛନ୍ତି। ପୁନଶ୍ଚ ରାମଚନ୍ଦ୍ରଙ୍କ ଦ୍ୱାରା ପରିତ୍ୟକ୍ତା ହେଲାପରେ ବନବାସିନୀ ହୋଇ ମଧ ଶ୍ରୀରାମଙ୍କ କୌଣସି ମନ୍ଦଚିନ୍ତା ନକରି, ନାରୀ ଧର୍ମର ମର୍ଯ୍ୟଦା ଅକ୍ଷୁର୍ଣ୍ଣ ରଖିଛନ୍ତି। ଏମିତି କେତେକେ ମର୍ମନ୍ତୁଦ ଘଟଣାରେ ମ୍ରିୟମାଣ ହୋଇ, ଶତାବ୍ଦୀ ଶତାବ୍ଦୀ ଧରି ଭାରତୀୟ ଜନଜୀବନ ଚିନ୍ତା କରି ଆସିଛି - ଆହା, ଏପରିଘଟଣା ନଘଟି ମାତାସୀତା ଦେବୀ ଆଜୀବନ ପ୍ରଭୁ ଶ୍ରୀରାମଙ୍କ ସହିତ ସୁଖରେ ସଂସାର କରିଥାନ୍ତେ କି। ଭାରତୀୟ ଜନଜୀବନର ଏହି ସବୁ ସାମୂହିକ କାମନା, ତଥା ପ୍ରଭୁ ଶ୍ରୀରାମଙ୍କ ଜୀବନର ଚଳାପଥରେ ଘଟି ଯାଇଥିବା ଭିନ୍ନ ଭିନ୍ନ ବିଷ୍ମୟଭରା ଦୁର୍ବିସହ କାହାଣୀ ତାଙ୍କୁ ମର୍ଯ୍ୟାଦା ପୁରୁଷୋତ୍ତମ ଆସନରେ ଅଧିଷ୍ଠିତ କରିଛି। ଆଜି ପବିତ୍ର ଶ୍ରୀରାମ ନବମୀ ପାଳନ ଅବସରରେ ମର୍ଯ୍ୟାଦା ପୁରୁଷୋତ୍ତମଙ୍କ ପଦାର ବିନ୍ଦରେ ଏତିକି ପ୍ରାର୍ଥନା, ଯେଉଁ କୋଦଣ୍ଡ ଧନୁ ଟଙ୍କାରରେ ତାଙ୍କ ଅବତାରୀ ଜୀବନ ଭାରତୀୟ ସଂସ୍କୃତିକୁ ଋଦ୍ଧିମନ୍ତ କରିଛି, ସେଇ ଧନୁର୍ବାଣ ସମଗ୍ର ବିଶ୍ୱରୁ ଦୁଃଖର ଦାବାନଳକୁ ଦହନ କରୁ। ଜୟ ଶ୍ରୀରାମ।

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର,** ସହ-ପ୍ରତିରତ୍ୱିକ ଓ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭

# କୋଣାର୍କରେ ଅଶୋଭନୀୟତା ନିରୋଧ ଦିବସ ପାଳିତ



କୋଣାର୍କ (ପିଏନ୍)- ପୂଜ୍ୟ ଶ୍ରୀ କୁମାର ଭାଇଙ୍କର ୭୫ତମ ଜନ୍ମ ଜୟନ୍ତୀ ଓ ଅଶୋଭନୀୟତା ନିରୋଧ ଆନ୍ଦୋଳନ ଦିବସ କୋଣାର୍କ ଶୋଭନୀୟ ଶିକ୍ଷାଶ୍ରମ ପରିସରରେ ପାଳିତ ହୋଇଯାଇଛି । କୁମାର ଭାଇଙ୍କ ଉଦ୍ୟମରେ ୧୯୭୨ ମସିହା ଅପ୍ରେଲ ମାସ ୮ତାରିଖରେ ଅଶୋଭନୀୟତା ନିରୋଧ ଆନ୍ଦୋଳନ ଜନ୍ମ ନେଇଥିଲା। ସେହିଦିନଠାରୁ ପ୍ରତିବର୍ଷ ବିଭିନ୍ନ ସ୍ଥାନରେ ପାଳନ କରାଯାଇ ଆସୁଅଛି ଅଶୋଭନୀୟତା ନିରୋଧ ଆନ୍ଦୋଳନ ଦିବସ । ସାହିତ୍ୟ, କଳା, ସମ୍ବାଦପତ୍ର, ନାଟକ ଓ ଚଳଚିତ୍ରରେ ଅଶୋଭନୀୟତାକୁ ନିରୋଧ କରିବା ଥିଲା କୁମାର ଭାଇଙ୍କର ମୂଳଲକ୍ଷ୍ୟ। ଶୋଭନୀୟତାର ବିକାଶ ହେଲେ ମାନବର ମନ, ରୁଚି ତଥା ଜୀବନଚର୍ଯ୍ୟା ନିଶ୍ଚିତ ଶୋଭନୀୟ, ଶୃଙ୍ଖଳିତ ଓ ଉନ୍ନତ ମାନର ହେବ ବୋଲି ଶ୍ରୀ କୁମାର ଭାଇ ପ୍ରବର୍ତ୍ତାଉଥିଲେ । ଏହି ଅବସରରେ ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନର ପ୍ରବର୍ତ୍ତକ ପୂଜ୍ୟଶ୍ରୀ କୁମାରଭାଇଙ୍କ ଦ୍ୱାରା ପ୍ରତିଷ୍ଠିତ କୋଣାର୍କ ଶୋଭନୀୟ ଶିକ୍ଷାଶ୍ରମ ପରିସରରେ ଅଜି 'ଅଶୋଭନୀୟତା ନିରୋଧ ଦିବସ ଅପ୍ରେଲ ଅଠ' ପାଳିତ ହୋଇଯାଇଛି । କୋଣାର୍କ ଶୋଭନୀୟ ଶିକ୍ଷାଶ୍ରମର ଅନ୍ତେବାସୀ ଛାତ୍ରଛାତ୍ରୀମାନେ ସକାଳ ୬ଟାରେ ପୂଜ୍ୟଶ୍ରୀ କୁମାରଭାଇଙ୍କ ପ୍ରତିମୁର୍ତ୍ତି ପାଖରେ ସର୍ବଧର୍ମ ସମନ୍ୱୟ ପ୍ରାର୍ଥନା ଓ ସଙ୍କୀର୍ତ୍ତନ କରିଥିଲେ । ଶୋଭନୀୟ ଶିକ୍ଷାଶ୍ରମ ପରିସରରେ ସକାଳ ୮ଟାରେ ମାନବିକତାର ପତାକା ଉତ୍ତୋଳନ କରାଯିବା ପରେ ଶୋଭନୀୟ ଶିକ୍ଷାଶ୍ରମର ଶିକ୍ଷୟିତ୍ରୀ ବିଦ୍ୟୁଲତା ଶତପଥୀଙ୍କ ପୌରୋହିତ୍ୟରେ ଆୟୋଜିତ ସାଧାରଣ ସଭାରେ ଅତିଥି, ଗୁରୁମା ମାନେ ପ୍ରମୁଖ ଯୋଗଦେଇ ଶୋଭନୀୟ ଶିକ୍ଷାଶ୍ରମ ଏକ ମଣିଷ ତିଆରି କାରଖାନା ଏବଂ ଏହାର ଆଦର୍ଶ ଶିକ୍ଷାବ୍ୟବସ୍ଥା ସମାଜରେ ନୈତିକ ମୂଲ୍ୟବୋଧସମ୍ପନ୍ନ ବ୍ୟକ୍ତିତ୍ୱ ଗଠନରେ ମାଇଲଖୁଣ୍ଟ ସଦୃଶ ବୋଲି ମତପୋଷଣ କରିଥିଲେ। ଶିକ୍ଷାଶ୍ରମ ପରିସରରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଆୟୋଜିତ ହୋଇଥିଲା ବିଭିନ୍ନପ୍ରକାର ସଚେତନତାଧର୍ମି ସାଂସ୍କୃତିକ କାର୍ଯ୍ୟକ୍ରମ। ଏହି କାର୍ଯ୍ୟକ୍ରମକୁ ଶୋଭନୀୟ ଶିକ୍ଷାଶ୍ରମର ଗୁରୁଜୀ ଓ ଗୁରୁମାମାନେ ପରିଚାଳନା କରିଥିଲେ। ଏହି ଅବସରରେ ଶୋଭନୀୟ ଶିକ୍ଷାଶ୍ରମ ପକ୍ଷରୁ ବିଭିନ୍ନ ଅନୁଷ୍ଠାନମାନଙ୍କୁ ପ୍ରଦାନ କରାଯାଇଥିବା ମାନବିକତାର ପତାକାକୁ ଉତ୍ତୋଳନ କରାଯାଇଥିବାବେଳେ କୁମାର ଭାଇଙ୍କ ଆଦର୍ଶ ଜୀବନାଚର୍ଯ୍ୟର ସ୍ମୃତିଚାରଣ କରାଯାଇ ମିଷ୍ଟାନ ବଣ୍ଟନ କରାଯାଇଥିଲା।

# ଜେନାପୁର ଅଂଚଳରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ : ଅଣଦେଖା କରୁଛି ଜିଲା ପ୍ରଶାସନ

ଧର୍ମଶାଳା,(ପି.ଏନ): ଯାଜପୁର ଜିଲାରେ ଜେନାପୁର ଥାନାର ଗୁରୁତ୍ୱ ରହିଛି । ଲଘୁ ଖଣିଜ ସମ୍ପଦ ପରିପୂର୍ଣ୍ଣ ଏହି ଅଂଚଳ । ଜେନାପୁର ଥାନାରେ ଥାନାଧିକାରୀ ନାହାନ୍ତି । ଯାହା ଫଳରେ ଏବେ ଲୁଟେରାଙ୍କ ଭୂସ୍ୱର୍ଗ ପାଲଟିଛି । ପାଖାପାଖି ୨ ମାସ ହେବ ଏଠାରେ ଅଧିକାରୀଙ୍କ ବିନା ଥାନା ଚାଲୁଛି । ଏବେ ଦିନକୁ ଦିନ ଚୋରୀ ଓ ଲୁଟେରାଙ୍କ ଉପଦ୍ରବ ବଢିବାରେ ଲାଗିଛି । ଯାହାକୁ ନେଇ ଏହି ଥାନା ଅଧନରେ ଥିବା ପଂଚାୟତର ଗ୍ରାମବାସୀ ଭୟଭିତ ହୋଇପଡିଛନ୍ତି । ପୂର୍ବରୁ ଧର୍ମଶାଳା ଥାନା ପକ୍ଷରୁ ଏହି ଅଂଚଳର ଦାୟିତ୍ୱରେ ରହିଥିଲା । ଅନ୍ୟପକ୍ଷରେ ଏଠାରେ ବହୁ କଳାପଥର ପାହାଡ ରହିଛି । ଦିନ ରାତି ଏକ କରି ଲୁଟେରାମାନେ ଏଠାରୁ କଳାପଥର ଲୁଟ କରିବା ଯାଜପୁର ଜିଲାରେ ସବୁ ବେଳେ ଚର୍ଚ୍ଚାରେ ରହି ଆସୁଥିଲା । ଯାହାକୁ ଦୃଷ୍ଟିରେ ରଖି ଜେନାପୁରକୁ ଥାନାରେ ପରିଣତ କରାଗଲା । ପାଖାପାଖି ୨ ମାସହେବ ଥାନାଧିକାରୀ ଭାବେ ଉମାକାନ୍ତ ନାୟକଙ୍କ ପଦୋନ୍ନତି ହେବା ପରେ ଏହି ସ୍ଥାନ ଖାଲି ପଡିଛି । ହେଲେ ଅଦ୍ୟାବଧି ନୂତନ ଥାନା ଅଧିକାରୀଙ୍କୁ ନିଯୁକ୍ତି ମିଳି ନାହିଁ । କେବଳ ଥାନା ଅଧିକାରୀ ନୁହନ୍ତି ଏପରିକି ବହୁ କର୍ମଚାରୀଙ୍କ ଅଭାବ ରହିଛି । ଥାନା ଅଧିକାରୀ ନ ଥିବାରୁ ରାତି ସମୟରେ ପାଟ୍ରୋଲିଂ ହେଉ ନ ଥିବା ବେଳେ ଅଂଚଳରେ ଲୁଟେରାମାନେ ସକ୍ରୀୟ ହୋଇ ପଡିଛନ୍ତି । ଦିନଦ୍ୱିପ୍ରହରରେ ଲୁଟପାଟ ହେଉଥିବା ବେଳେ ଚୋରି ଡକାୟତି ନୀତି ଦିନିଆରେ ଘଟଣାରେ ପରିଣତ ହେଲାଣି । ଏଭଳି ଗୁରୁତ୍ୱପୂର୍ଣ୍ଣ ଥାନାରେ ଅଧିକାରୀ ନ ଥିବାରୁ ଅଂଚଳରେ ଆଇନ ଶୃଙ୍ଖଳା ବିଗିଡିବାରେ ଲାଗିଛି । ଯାହାକୁ ନେଇ ଅଂଚଳବାସୀ ଜିଲା ପ୍ରଶାସନକୁ ଦାୟୀ କରିଛନ୍ତି । ଏ ଦିଗରେ ଯାଜପୁର ଆରକ୍ଷୀ ଅଧିକ୍ଷକ ତୁରନ୍ତ ଏହି ଥାନା ପ୍ରତି ନଜର ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି । ତେବେ ଜେନାପୁର ଥାନାରେ କେବେ ପଦବୀ ପୁରୁଣ ହେଉଛି ତାହା ସାଧାରଣ ଲୋକେ ଚାହିଁ ବସିଛନ୍ତି ।




# ପୋଲିସ ବ୍ୟବସ୍ଥାରେ ରିଫରମେସନ୍ ଅତ୍ୟନ୍ତ ଜରୁରୀ




ଭୁବନେଶ୍ୱର,(ପି.ଏନ) : ଆପେକ୍ସ ବଡି ଅଫ୍ ୱାର୍କିଂ ଜୋର୍ଣ୍ଣାଲିଷ୍ଟ ଆସୋସିଏସନ୍ ଅଫ୍ ଇଣ୍ଡିଆ (ଆୱାଜ୍ ଅଫ୍ ଇଣ୍ଡିଆ) ତରଫରୁ କଳିଙ୍ଗ ପେଷାଦାର ସାମ୍ବାଦିକ ସଂଘ ମିଟିଂ ହଲ୍‌ରେ ଆଜିକାର ସମୟରେ ରାଜ୍ୟରେ ପୋଲିସ୍ ବ୍ୟବସ୍ଥାରେ ରିଫରମେସନ୍ ଅତ୍ୟନ୍ତ ଜରୁରୀ ବୋଲି ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ବହୁ ସାଧାରଣ ଲୋକ, ବରିଷ୍ଠ ସାମ୍ବାଦିକ, ବୁଦ୍ଧିଜୀବୀ, ଶିକ୍ଷାବିତ୍, ଆଇନ୍‌ଜୀବୀ ମାନେ ଯୋଗ ଦେଇଥିଲେ । ଆୱାଜ୍ ଅଫ୍ ଇଣ୍ଡିଆର ଅଧ୍ୟକ୍ଷ ତଥା ବରିଷ୍ଠ ସାମ୍ବାଦିକ ସୁନୀଲ ମିଶ୍ର ଏ ସମ୍ପର୍କରେ ସୂଚନା ଦେଇ କହିଥିଲେ ଯେ, ଓଡ଼ିଶାର ପୋଲିସ୍ ବ୍ୟବସ୍ଥାର ରିଫରମେସନ୍‌ର ଆବଶ୍ୟକତା ରହିଛି । କାହିଁକି ନା ବିଭିନ୍ନ ପୋଲିସ୍ ଷ୍ଟେସନରେ ପୋଲିସ୍ ବିଭାଗରେ କର୍ମରତ ଏ.ଏସ୍.ଆଇ., ଏସ୍.ଆଇ., ଆଇ.ଆଇ.ସି.ଙ୍କୁ ଆଇ.ପି.ସି.ର ବିଭିନ୍ନ ସେକ୍‌ସନ୍ ବା ଧାରା ବାବଦରେ ଭଲ ଭାବରେ ପଢିନାହାନ୍ତି କି ଜାଣି ମଧ୍ୟ ନାହାନ୍ତି । ସେମାନେ ଲାଞ୍ଚ ଖାଇ ଆଇ.ପି.ସି.ର ବିଭିନ୍ନ ସେକ୍‌ସନ୍‌ରେ ନିରୀହ ଲୋକମାନଙ୍କ ଉପରେ ମିଥ୍ୟା କେସ୍ ଦାୟର କରୁଛନ୍ତି । ଏଥିରେ ବଲାଙ୍ଗୀର, ବରଗଡ଼ ଓ ସମ୍ବଲପୁର ଜିଲ୍ଲାରେ ମାତ୍ରାଧିକ ପରିମାଣର ମିଥ୍ୟା କେସ୍ ମାନ ରୁଜୁ କରୁଛନ୍ତି । ଏପରିକି, ଆଇ.ପି.ସି. ଧାରା ବା ସେକ୍‌ସନ୍ ୫୦୦ ମଧ୍ୟ ଲାଗୁ କରୁଛନ୍ତି, ଯାହାକି ୧୯୯୫ ମସିହାଠାରୁ ଆଜି ପର୍ଯ୍ୟନ୍ତ ଭାରତ ବର୍ଷର କୌଣସି ଥାନାରେ ଲାଗୁ ହୋଇନାହିଁ । ଏହି କିଛିଦିନ ତଳେ ବଲାଙ୍ଗୀର ଜିଲ୍ଲାରେ ଜଣେ ଆଇ.ଆଇ.ସି. ଏକ ଡାକ୍ତରଙ୍କଠାରୁ ପ୍ରଚୁର ପରିମାଣର ଲାଞ୍ଚ ଖାଇ ଆଇ.ପି.ସି. ଧାରା ୫୦୦ ଲାଗୁ କରିଛନ୍ତି, ଯାହାକି ନିରପେକ୍ଷ ତଦନ୍ତର ଆବଶ୍ୟକତା ରହିଛି। ଏବର ତାଜା ଖବର ହେଉଛି ବଲାଙ୍ଗୀର ଜିଲ୍ଲା କ୍ରାବାଞ୍ଜି ଜେଲ୍‌ର ଜେଲ୍‌ର ଜଣେ ସାମ୍ବାଦିକଙ୍କୁ ମାରିବାର ଧମକ ଓ ଯୋଜନା କରୁଥିବା କଥା ସୋସିଆଲ୍ ମିଡ଼ିଆରେ ଘୁରି ବୁଲୁଛି। ଅନେକ ଥାନାରେ ମିଥ୍ୟା କେସ୍ କରାଯାଉଛି, ଧମକ ଚମକ ଦିଆଯାଉଛି, ଅତି ଦୁଃଖର ବିଷୟ, ଯଦି ଗୋଟିଏ କେସ୍ କୌଣସି ଥାନାରେ ରେଜିଷ୍ଟ୍ରିଭୁକ୍ତ ହେଲା, ଏହାକୁ ଏସ୍.ପି. କିଛି କରିପାରିବେ ନାହିଁ । ନିରୀହ ବ୍ୟକ୍ତି ଯାହା ଉପରେ ମିଥ୍ୟା କେସ୍ ରୁଜୁ କରାଯାଇଛି, ତାଙ୍କୁ ମାନ୍ୟବର ହାଇକୋର୍ଟଙ୍କ ଆଶ୍ରୟ ନେବାକୁ ପଡ଼ିବ । ତେଣୁ କୌଣସି କେସ୍ ରେଜିଷ୍ଟର କରିବା ପୂର୍ବରୁ ଭଲ ଭାବରେ ଯାଞ୍ଚ କରି ଏସ୍.ପି. ପରିମିସନ୍ ଦେବାକଥା । ଫଳରେ ଥାନା ବାବୁଙ୍କର ଯେଉଁ କେସ୍ ବେଦର ଗାର ପରି କିଛି କରାଯାଇପାରୁନାହିଁ, ତାହାର ପରିବର୍ତ୍ତନ ଘଟନ୍ତା ଓ ମନଇଚ୍ଛା ଆଇ.ଆଇ.ସି. ମିଥ୍ୟା କେସ୍‌ମାନ ରୁଜୁ କରିପାରନ୍ତେ ନାହିଁ । ବର୍ତ୍ତମାନ ସମୟ ଆସିଯାଇଛି, ଜନତା ଓ ସାମ୍ବାଦିକମାନେ ଏକଜୁଟ୍ ହୋଇ ଉପର ବର୍ଣ୍ଣିତ ଅନ୍ୟାୟ ଓ ଅତ୍ୟାଚାର ବିରୁଦ୍ଧରେ ଲଢେଇ କରିବା ଅପରିହାର୍ଯ୍ୟ । କଳିଙ୍ଗ ପେଷାଦାର ସାମ୍ବାଦିକ ସଂଘର ସଭାପତି ବରିଷ୍ଠ ସାମ୍ବାଦିକ ପରମେଶ୍ୱର ଦାସ ଆହ୍ୱାନ ଦେଇ କହିଥିଲେ ଯେ, ବର୍ତ୍ତମାନ ସମୟରେ ସମସ୍ତ ସାମ୍ବାଦିକମାନେ ଏକଜୁଟ୍ ହୋଇ ପୋଲିସ୍ ବିଭାଗରେ ଦୈନନ୍ଦିନ ଘଟୁଥିବା ଅନ୍ୟାୟ ଓ ଅତ୍ୟାଚାର ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ପାଇଁ ସମସ୍ତେ ଆଗେଇ ଆସିବା ପ୍ରୟୋଜନ । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରୁ ବରିଷ୍ଠ ସାମ୍ବାଦିକ ଦିଲ୍ଲୀପ ଦାସ, ଆଡ୍‌ଭୋକେଟ୍ ଓ ସାମ୍ବାଦିକ ସାଇ ପ୍ରସାଦ ପରିଡ଼ା ଓ ଦୈନିକ ସମ୍ବାଦପତ୍ର ପ୍ରମେୟର ସାମ୍ବାଦିକ ଚାନ୍ଦିନୀ ମହାପାତ୍ର, ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ ।

# ପୁରୀ ପାଇଁ ଐତିହାସିକ ଦିନ :ମୁଖ୍ୟମନ୍ତ୍ରୀ

ପୁରୀ/ ନୂଆଦିଲ୍ଲୀ/ଭୁବନେଶ୍ୱର, (ପି.ଏନ): ପୁରୀରେ ଶ୍ରୀଜଗନ୍ନାଥ ମେଡ଼ିକାଲ କଲେଜ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଛି । ଲୋକାର୍ପଣ ସମାରୋହରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମନସୁଖ ମାଣ୍ଡଭୀୟ ଭର୍ଚ୍ଚୁଆଲ ମାଧ୍ୟମରେ ଯୋଡ଼ି ହୋଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହା ପୁରୀ ପାଇଁ ଐତିହାସିକ ଦିନ। ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ପ୍ରଚେଷ୍ଟାରେ ପୁରୀବାସୀଙ୍କ ସେବା କରିବାରେ ଏହି ଶିକ୍ଷାନୁଷ୍ଠାନ ନାଁ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଥିଲେ। ଅପରପକ୍ଷରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ମାଣ୍ଡଭୀୟ ଓଡ଼ିଶାବାସୀଙ୍କୁ ସୁଲଭ ମୂଲ୍ୟରେ ସ୍ୱାସ୍ଥ୍ୟସେବା ଉପଲବ୍ଧ କରିବା ପାଇଁ ଆୟୁଷ୍ମାନ ଯୋଜନା ଲାଗୁ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅନୁରୋଧ କରିଛନ୍ତି। ଏହି ଯୋଜନା ଲାଗୁ ହେବା ଦ୍ୱାରା ଓଡ଼ିଆ ଲୋକମାନେ ଲାଭ ପାଇବେ ଏବଂ ସ୍ୱାସ୍ଥ୍ୟ ବ୍ୟବସ୍ଥା ଭଲ ରହିବ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମ ପରେ ଆୟୋଜିତ ସଭାରେ ମୁଖ୍ୟମନ୍ତ୍ରୀ କହିଥିଲେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ କ୍ଷେତ୍ରରେ ଏକ ଉନ୍ନତମାନର ମେଡିକାଲ କଲେଜ ପ୍ରତିଷ୍ଠା ହୋଇଛି । ଏହାଦ୍ୱାରା ମେଧାବୀ ଛାତ୍ରଛାତ୍ରୀମାନେ ମେଡିକାଲ ପାଠ ପଢିବା ସହିତ ପୁରୀ ଜିଲ୍ଲାରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ନୂଆ ଯୁଗ ଆରମ୍ଭ ହେଲା ।କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କ ସହିତ ଆଲୋଚନା କରି ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଅଭିନନ୍ଦନ ଜଣାଇଥିଲେ ଏବଂ ଭବିଷ୍ୟତରେ ଭଲ ଡାକ୍ତର ହୋଇ ନିଷ୍ଠାପର ଭାବେ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ସେମାନଙ୍କୁ ପରାମର୍ଶ ଦେଇଥିଲେ। ଶିକ୍ଷକ ଓ ଛାତ୍ରଛାତ୍ରୀ ମାନଙ୍କ ଉଦ୍ୟମରେ ଏହି କଲେଜ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନିଜର ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଥିଲେ। ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରୁ ପୁରୀର ଶ୍ରୀ ସମ୍ପିତ ନାୟକ, ରାଜସ୍ଥାନର ପ୍ରଗତୀ ମୀନା ଓ ଓଡିଶାର ଶ୍ରୀ ସିଦ୍ଧାର୍ଥ ସାହୁ ପ୍ରମୁଖ ଛାତ୍ରଛାତ୍ରୀ ଏହି ଆଲୋଚନାରେ ଭାଗ ନେଇ ପୁରୀରେ ପଢିବାର ସୁଯୋଗ ପାଇଥିବାରୁ ଖୁସି ପ୍ରକାଶ କରି ଭବିଷ୍ୟତରେ ଚିକିତ୍ସା ସେବା କ୍ଷେତ୍ରରେ ପ୍ରତିଶ୍ରୁତିବଦ୍ଧ ହୋଇ କାମ କରିବେ ବୋଲି କହିଥିଲେ । ପିଲାମାନେ କଲେଜର ଭିତିଭୂମିର ଉଚ୍ଚପ୍ରଶଂସା କରିଥିଲେ ।ଛାତ୍ରଛାତ୍ରୀଙ୍କ ସହ ମତ ବିନିମୟ କରିବା ଅବସରରେ ଶ୍ରୀ ମାଣ୍ଡଭୀୟ ଓଡ଼ିଶାରେ ସ୍ୱାସ୍ଥ୍ୟସେବା ସୁଲଭ ଓ ସର୍ବବ୍ୟାପୀ କରିବା ପାଇଁ ମେଡ଼ିକାଲ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି । ସେ କହିଛନ୍ତି ଯେ ପୁରୀ ଜଗନ୍ନାଥ ମନ୍ଦିର ଯାଇ ଦର୍ଶନ କରିବା ଓ ମହାପ୍ରସାଦ ସେବନ କରିବା ଆମ ପାଇଁ ଗର୍ବର ବିଷୟ । ସେହି ପବିତ୍ର ଧାମରେ ରହି ମେଡ଼ିକାଲ ଶିକ୍ଷା ଲାଭ କରିବା ଛାତ୍ରଛାତ୍ରୀଙ୍କ ପାଇଁ ଗର୍ବର ବିଷୟ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ୱପ୍ନ ରହିଛି ସ୍ୱାସ୍ଥ୍ୟସେବା ସୁଲଭ ଏବଂ ସର୍ବବ୍ୟାପୀ ହେବା ଦରକାର । ଏଥିପାଇଁ ଏକ ଡ଼ାକ୍ତର ରୂପରେ ଛାତ୍ରଛାତ୍ରୀଙ୍କୁ ଦୂର, ସୁଦୂର, ଗାଁ ଯେଉଁଠି ବି ଦାୟିତ୍ୱ ମିଳୁଛି, ସେମାନେ ଗରିବଙ୍କ ସେବା କରିବା ପାଇଁ ନିଜକୁ ଉତ୍ସର୍ଗ କରିବା ସହ ଦେଶର ସ୍ୱାସ୍ଥ୍ୟ କ୍ଷେତ୍ରରେ ଯୋଗଦାନ ରଖନ୍ତୁ । ମୋଦି ସରକାର ଓ ରାଜ୍ୟ ସରକାର ମିଳିତ ଭାବରେ ରାଜ୍ୟରେ ଅନେକ ମେଡ଼ିକାଲ କଲେଜ ଆରମ୍ଭ କରିଛନ୍ତି ଏବଂ ଆଗାମୀ ଦିନରେ ଅନେକ ମେଡ଼ିକାଲ କଲେଜ କାର୍ଯ୍ୟକ୍ଷମ ହେବାକୁ ଯାଉଛି । ଓଡ଼ିଶା ସମେତ ଦେଶର ଛାତ୍ରଛାତ୍ରୀମାନେ ଗୁଣାତ୍ମକ ଶିକ୍ଷା ନେଇ ଉତ୍ତମ ଡ଼ାକ୍ତର ହୁଅନ୍ତୁ ଏବଂ ସରକାରୀ ବ୍ୟବସ୍ଥାକୁ ଉପଯୋଗ କରି ରାଜ୍ୟ ଓ ରାଷ୍ଟ୍ର ନିର୍ମାଣରେ ନିଜର ଯୋଗଦାନ ରଖନ୍ତୁ ।ସୁନ୍ଦରଗଡ଼ରେ ଏନଟିପିସି ତରଫରୁ ହସ୍ପିଟାଲ ହୋଇଛି । ତାଳଚେରରେ କୋଲ ଇଣ୍ଡିଆ ୧ ହଜାର କୋଟି ଟଙ୍କା ଖର୍ଚ୍ଚ କରି ମେଡ଼ିକାଲ କଲେଜ ନିର୍ମାଣ କରିଛି । ମୋଦି ସରକାରଙ୍କ ସମୟରେ ଓଡ଼ିଶାରେ ସ୍ୱାସ୍ଥ୍ୟ ସୁବିଧା, ମେଡ଼ିକାଲ କଲେଜ ଓ ସିଟ୍ ସଂଖ୍ୟା ବୃଦ୍ଧି ପାଉଛି । ଏହାର ଲାଭ ଓଡ଼ିଶାକୁ ମିଳିବ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ମନସୁଖ ମାଣ୍ଡଭୀୟ କହିଛନ୍ତି ।

ଏହି ଉତ୍ସବରେ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସ,ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା , ପୁରୀ ସାଂସଦ ପିନାକୀ ମିଶ୍ର,ଫାଇଭ - ଟି ସଚିବ ଭି.କେ ପାଣ୍ଡିଆନ , ପୂର୍ବତନ ବାଚସ୍ପତି ମହେଶ୍ୱର ମହାନ୍ତି, ରାଜ୍ୟ ଯୋଜନା ବୋର୍ଡ଼ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା, ଓ ଜିଲ୍ଲାର ସମସ୍ତ ବିଧାୟକ ପ୍ରମୁଖ ଯୋଗ ଦେଇଥିଲେ । ଏହି କଲେଜରେ ଛାତ୍ରଛାତ୍ରୀ ମାନଙ୍କ ପାଇଁ ୧୦୦ଟି ଏମବିବିଏସ ଆସନ ରହିଛି । ଏହାଦ୍ୱାରା ବର୍ତ୍ତମାନ ସାରା ରାଜ୍ୟରେ ୮ଟି ସରକାରୀ ମେଡିକାଲ କଲେଜର ସମୁଦାୟ ଏମବିବିଏସ ଆସନ ସଂଖ୍ୟା ୧୨୫୦କୁ ବୃଦ୍ଧି ପାଇଛି । ମେଡିକାଲ କଲେଜ ସହିତ ୬୫୦ ଆସନ ବିଶିଷ୍ଟ ଏକ ସାତ ମହଲା ବିଶିଷ୍ଟ ଶିକ୍ଷା ହସ୍‌ପିଟାଲ ନିର୍ମାଣ ପାଇଁ ମଧ୍ୟ କାମ ଚାଲିଛି । ଏହି ଶିକ୍ଷା ହସ୍‌ପିଟାଲ ଜୁଲାଇ ୨୦୨୩ ସୁଦ୍ଧା ଏହା ସଂପୂର୍ଣ୍ଣ ହେବ ବୋଲି ଜଣାଯାଇଛି । ବର୍ତ୍ତମାନ ଏହି କଲେଜ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଶିକ୍ଷା ହସ୍‌ପିଟାଲ ଭାବେ କାର୍ଯ୍ୟ କରୁଛି । ପୁରୀକୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସୁଥିବାରୁ ଏହି ମେଡିକାଲ କଲେଜ ଓ ହସ୍‌ପିଟାଲ ଜିଲ୍ଲାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

# ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଏନ୍.ଏସ.ୟୁ. ଆଇ. ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର (ପି.ଏନ): ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଏନ୍.ଏସ.ୟୁ. ଆଇ. ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସୀର ନୱାଜଙ୍କ ସଭାପତିତ୍ୱରେ ପତାକା ଉତୋଳନ କାର୍ଯ୍ୟକ୍ରମ ହୋଇଥିଲା। ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପତାକା ଉତୋଳନ କରିଥିଲେ। ଏହି ପରିପ୍ରେକ୍ଷୀରେ ଶ୍ରୀ ନୱାଜ କହିଥିଲେ ଯେ ପୂର୍ବତନ ପ୍ରଧାନ ମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଏନ.ଏସ.ୟୁ.ଆଇ. ୧୯୭୧ ମସିହାରେ ପ୍ରତିଷ୍ଠା କରିଥିଲେ। ଛାତ୍ର କଂଗ୍ରେସର ଲକ୍ଷ୍ୟ ଛାତ୍ର ସମାଜକୁ ସଶକ୍ତ କରିବା। ଦାୟୀତ୍ୱବାନ ନାଗରିକ ଓ ନେତା ମଧ୍ୟ ସୃଷ୍ଟି କରିବା ଛାତ୍ର କଂଗ୍ରେସର କାର୍ଯ୍ୟର ଅଂଶ ବିଶେଷ ମାତ୍ର ସେମାନଙ୍କର ଗଣତାନ୍ତ୍ରୀକ, ଧର୍ମ ନିରପେକ୍ଷତା, ସମାନତା ଏବଂ ସୁଗୁଣ ରହିଥିବା ଦରକାର। ଶ୍ରୀ ନୱାଜ କହିଲେ ଓଡ଼ିଶାର ଛାତ୍ର କଂଗ୍ରେସ ଉଭୟ ନବୀନ ସରକାର ଓ ମୋଦୀ ସରକାରର ଭ୍ରଷ୍ଟାଚାର ବିରୋଧରେ ସଂଗ୍ରାମ କରୁଛି। ଚାକିରୀ ବିକିରୀର ପ୍ରତିବାଦ କରିଛି। ନାରୀ ନିର୍ଯ୍ୟାତନା ଓ ହତ୍ୟା, ଦରଦାମ ବୃଦ୍ଧି ପ୍ରସଙ୍ଗରେ ଉଭୟ ସରକାରକୁ ଜୋରଦାର ଘେରିଛି। ଆଜିର ଏହି କାର୍ଯ୍ୟକ୍ରମରେ ଲିଙ୍ଗରାଜ ସାହୁ, ମିହିର ଆଚାର୍ଯ୍ୟ, ରଞ୍ଜିତ ପାତ୍ର, ନିହାର ରଂଜନ ବେହେରା, ନଳିନୀକାନ୍ତ ନାୟକ, କାର୍ତ୍ତିକେଶ୍ୱର କାଣ୍ଡି, ଅଖିଳେଷ ଯାଦବ, ବିଶ୍ୱଭୂଷଣ ମହାପାତ୍ର, ଏମଡି ସମ୍ୟୁଇଲ, ଭାଗ୍ୟଶ୍ରୀ ମହାନ୍ତି, ଜଗଦିଶ ଗଜେନ୍ଦ୍ର, ଅହମ୍ମଦ ଖାନ, ଏସ୍‌କେ ସାହାରୁଖ, ନିତେଶ ରଂଜନ ବେହେରା, ନିୟାଜୁଲ ଇସ୍‌ଲାମ, ଉଦିତ ପ୍ରଧାନ, ଜିତେନ୍ଦ୍ର ମଲ୍ଲିକ, ସନ୍ତୋଷ କୁମାର ଭୋଳ, କୁମାର ସୌରପ, ତୋଫାନ ସେଠୀ, ଅରସଦ ଅନସାରୀ, ମିର ରିୟାଜୁଦ୍ଦିନ, ଆରିୟାନ ଦାସ, ଆଶିଷ ଦାସ, ଶୁଭକାନ୍ତ ବେହେରା, ରୋସନ କୁମାର କିରଣ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଡେଙ୍ଗୁ ଓ ମ୍ୟାଲେରିଆ ସଚେତନତା କାର୍ଯ୍ୟକ୍ରମ

ଜୟପୁର,(ପି.ଏନ): ସରକାରୀ ଉଚ୍ଚ ବିଦ୍ୟାଳୟ ଜୟପୁରର ଜୁନିୟର ରେଡକ୍ରସ୍ ଶାଖା ତରଫରୁ ଡେଙ୍ଗୁ ଓ ମ୍ୟାଲେରିଆ ଜ୍ୱର ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ୟାମ ମେହେରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାବଣାଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଡ.ମନୋଜ କୁମାର ବିଶ୍ୱାଳ ଯୋଗଦାନ କରି ଛାତ୍ରଛାତ୍ରୀମାନଙ୍କୁ ଡେଙ୍ଗୁ ଓ ମ୍ୟାଲେରିଆ ଜ୍ୱର ବ୍ୟାପିବାର କାରଣ, ନିରାକରଣ ଓ ତାର ଲକ୍ଷଣ ଉପରେ ଅବଗତ କରାଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜୁନିୟର ରେଡକ୍ରସ ପରାମର୍ଶଦାତା ଯଜ୍ଞେଶ୍ୱର ପଣ୍ଡା କାର୍ଯ୍ୟକ୍ରମ ସମ୍ପର୍କିତ ସୂଚନା ପ୍ରଦାନ କରିବା ସହିତ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଜୁନିୟର ରେଡକ୍ରସ୍ ପରାମର୍ଶଦାତ୍ରୀ ଶୁଭସ୍ମିତା ସାହୁ କାର୍ଯ୍ୟକ୍ରମ ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ବିଶ୍ୱ ରଞ୍ଜନ ଗୌଡ଼, ହିତକର ଚରତି, ନରେଶ କୁମାର ଷଡଙ୍ଗୀ, ସୁବର୍ଣ୍ଣ କୁମାରୀ ଖିଲ ଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଦେଶରେ ମହିଳା ସଶକ୍ତିକରଣ ପାଇଁ ପ୍ରଧାନମନ୍ତ୍ରୀ ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି: ସମୀର ମହାନ୍ତି

ଭୁବନେଶ୍ୱର,(ପି.ଏନ): ମହାନ କ୍ରାନ୍ତିକାରୀ, ସମାଜ ସୁଧାରକ ଜ୍ୟୋତିବା ଫୁଲେଙ୍କ ଜନ୍ମଜୟନ୍ତୀ ଅବସରରେ ସିନର୍ଜି ଇନ୍‌ଷ୍ଟିଚ୍ୟୁଟ ଅଫ ଟେକନୋଲୋଜିଠାରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଛାତ୍ରଛାତ୍ରୀଙ୍କୁ ରାଜ୍ୟ ବିଜେପି ସଭାପତି ସମୀର ମହାନ୍ତି ଭେଟି ଜ୍ୟୋତିବା ଫୁଲେଙ୍କ ଦେଶପ୍ରତି ଅବଦାନ ବିଷୟରେ ଅବଗତ କରାଇଥିଲେ। ଯେତେବେଳେ ଦେଶରେ ନାରୀ ଶିକ୍ଷା ପ୍ରତି ଆଦୌ ଧ୍ୟାନ ଦିଆଯାଉନଥିଲା ସେତେବେଳେ ଜ୍ୟୋତିବା ଫୁଲେ ମହିଳାମାନଙ୍କ ଶିକ୍ଷାକୁ ପ୍ରାଧାନ୍ୟ ଦେଇ ପ୍ରତିକୂଳ ପରିସ୍ଥିତିରେ କାର୍ଯ୍ୟ କରୁଥିଲେ। ଜ୍ୟୋତିବା ଫୁଲେ ତାଙ୍କ ପତ୍ନୀ ସାବିତ୍ରୀବାଇ ଫୁଲେଙ୍କ ସହିତ ମିଶି ପୁନେଠାରେ ମହିଳାମାନଙ୍କ ଶିକ୍ଷା କ୍ଷେତ୍ରରେ ଅଗ୍ରଗତି ନିମନ୍ତେ ବାଳିକା ବିଦ୍ୟାଳୟ ସ୍ଥାପନ କରି ନାରୀ ଶିକ୍ଷା ଶିକ୍ଷାଦ୍ୱାରା ସମାଜର ଅଗ୍ରଗତି ସମ୍ଭବ ବୋଲି ବାର୍ତ୍ତା ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜ୍ୟୋତିବା ଫୁଲେଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ମହିଳାଙ୍କ ପ୍ରତି ବିଭିନ୍ନ ଯୋଜନା ମଧ୍ୟ କରିଛନ୍ତି। ମହିଳାମାନଙ୍କ ପାଇଁ ଶୌଚାଳୟ, ଉଜ୍ଜ୍ୱଳା, ବେଟି ବଚାଓ ବେଟି ପଢ଼ାଓ, ସୁକନ୍ୟା ସମୃଦ୍ଧି ଯୋଜନା, ପୋଷଣ ଅଭିଯାନ ଭଳି ଯୁଗାନ୍ତକାରୀ ପଦକ୍ଷେପମାନ ନେଇ ମହିଳାଙ୍କୁ ସମ୍ମାନ, ସ୍ୱାଭିମାନ ଓ ସଶକ୍ତ କରିବାକୁ ତାଙ୍କ ସରକାରରେ ଅନେକ ଯୋଜନା କରିଥିବାରୁ ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଧନ୍ୟବାଦ ଜ୍ଞାପନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରତିଷ୍ଠାତା ବିନୋଦ ଦାଶ, ଇନ୍‌ଷ୍ଟିଚ୍ୟୁ ନିର୍ଦ୍ଦେଶକ ଚନ୍ଦ୍ରସେନ ଜଗତଦେଓ, ରାଜ୍ୟ ପ୍ରବକ୍ତା ଠାକୁର ରଞ୍ଜିତ ଦାସ, ଯୁବମୋର୍ଚ୍ଚା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଅର୍ପିତା ବଡ଼ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## କାକଟପୁରରେ ସରକାରୀ ବସଷ୍ଟାଣ୍ଡ ଉଦଘାଟିତ, ସ୍ଥାନୀୟ ଘରୋଇ ବସ ମାଲିକ ସଂଘକୁ ଅଣଦେଖା

କାକଟପୁର,(ପି.ଏନ): ବୁଧବାର ଅପରାହ୍ନରେ ରାଜ୍ୟର ୧୩ ଜିଲ୍ଲାର ୨୧ ଟି ଅତ୍ୟାଧୁନିକ ବସଷ୍ଟାଣ୍ଡକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନସି ମାଧ୍ୟମରେ ଉଦଘାଟନ କରିଥିବାବେଳେ ପୁରୀଜିଲ୍ଲାରେ ଉଦଘାଟିତ ହୋଇଥିବା କାକଟପୁର ବସଷ୍ଟାଣ୍ଡର ଉଦଘାଟନୀ ସମାରୋହରେ ରାଜ୍ୟ କ୍ରୀଡା, ଯୁବସେବା, ପ୍ରଯୁକ୍ତି ବିଦ୍ୟା ଓ ଗୃହରାଷ୍ଟ୍ର ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ଶ୍ରୀଯୁକ୍ତ ତୁଷାରକାନ୍ତି ବେହେରା, ଜଗତସିଂହପୁର ସାଂସଦ ରାଜଶ୍ରୀ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)କୈଳାଶ ଚନ୍ଦ୍ର ନାୟକ,ପୁରୀ ପରିବହନ ଅଧିକାରୀ ରବୀନ ପଟ୍ଟନାୟକ, ପୁରୀ ଜିଲ୍ଲାପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, କାକଟପୁର ତହସିଲଦାର ବିରଞ୍ଚି ନାରାୟଣ ବେହେରା, କାକଟପୁର ବିଡ଼ିଓ ତୁଷାର ଜ୍ୟୋତିରଞ୍ଜନ ପ୍ରମୁଖ ଉପସ୍ଥିତ ରହିଥିବାବେଳେ ଏହି ସମାରୋହରେ ପୂର୍ବତନ ବିଧାୟକ ସୁରେନ୍ଦ୍ର ସେଠୀଙ୍କ ସମର୍ଥକ ଓ ମନ୍ତ୍ରୀ ଶ୍ରୀ ବେହେରାଙ୍କ ସମର୍ଥକ ପୃଥକ ପୃଥକ ଭାବେ ଉକ୍ତ ଉଦଘାଟନୀ ସମାରୋହରେ ଯୋଗଦେଇଥିଲେ। ଉକ୍ତ ସମାରୋହରେ ପୁରୀଜିଲ୍ଲା କିମ୍ବା କାକଟପୁର ଘରୋଇ ବସ ମାଲିକ ସଂଘକୁ ଏ ସମ୍ପର୍କରେ କୌଣସି ଅବଗତ କରାଯାଇନଥିଲା ଫଳରେ ଘରୋଇ ବସ ମାଲିକ ସଂଘର କର୍ମକର୍ତ୍ତା ଓ କର୍ମଚ଼ାରୀ ମାନେ ନିଜର ଅସନ୍ତୋଷ ବ୍ୟକ୍ତ କରିଥିଲେ । ସରକାର ରାଜ୍ୟର ଘରୋଇ ବସ ସେବା ବନ୍ଦ କରିଦେବାପାଇଁ ଚ଼କ୍ରାନ୍ତ କରିଥିବାର ସଂଘ ପକ୍ଷରୁ ଅଭିଯୋଗ ହୋଇଛି । ଏହି ବସଷ୍ଟାଣ୍ଡ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ପ୍ରାୟ ୫ କୋଟିରୁ ଉର୍ଦ୍ଧ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଛି । ଯେଉଁଥିରେ ଶୀତତାପ ନିୟନ୍ତ୍ରିତ ଯାତ୍ରୀ ବିଶ୍ରାମଗାର, ଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା, ଚ଼ାଳକ ବିଶ୍ରାମ ଗୃହ, ମୋବାଇଲ ଚ଼ାର୍ଜିଂ ୟୁନିଟ, ବସ ସର୍ଭିସ ସେଣ୍ଟର, ବସ ଟର୍ମିନାଲ,, କାଫେ ଆଦିର ବ୍ୟବସ୍ଥା ରହିଅଛି କ୍ଷ ଯାହାକୁ ରାଜ୍ୟ ପରିବହନ ନିଗମକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ହସ୍ତାନ୍ତର କରିଛି । ତେବେ ଏହି ବସଷ୍ଟାଣ୍ଡ ନିର୍ମାଣକୁ ନେଇ ଅନେକ ବାଦ ବିବାଦ ଉପୁଜିଛି ।

# ଲିଜଧାରୀ ନିୟମ ବୈହିର୍ଭୂତ ଭାବେ ବାଲି ଖଦାନ ଚଳାଉଥିବା

ବାଲେଶ୍ୱର,(ପି.ଏନ): ସଦର ବ୍ଲକ ଅନ୍ତର୍ଗତ ନଗ୍ରମ ଗ୍ରାମ ପଞ୍ଚାୟତ ଓ ରେମୁଣା ବ୍ଲକ ଦହପଡ଼ା ଗ୍ରାମ ପଞ୍ଚାୟତର ଫୁଲୱାର କଷବା, କାଳିପୁର, ଖେଜୁରପୁର, ଦହପଡ଼ା, କଣ୍ଟାବଣିଆ, ଗମ୍ଭାରିଆ ଓ ଧରମପୁର ଗ୍ରାମର ଗ୍ରାମବାସୀ ମାନେ ଲିଜ ନେଇଥିବା ଅରୁଣାକର ଦାସଙ୍କ ବିରୁଧରେ ଜିଲ୍ଲାପାଳଙ୍କୁ ଏକ ଦାବି ପ୍ରଦାନ କରିଛନ୍ତି। ବାଲି ଉଠାଇବା ନିମନ୍ତେ କୌଣସି ଯାନ୍ତ୍ରିକ ବ୍ୟବସ୍ଥା ନିୟମ ନ ଥିବା ବେଳେ ପ୍ରତିଦିନ ପୋକ୍ଲେନ ମେସିନ ମାଧ୍ୟମରେ ନଦୀ ଗର୍ଭରୁ ବେଆଇନ ଭାବରେ ସହ ସହ ସିୟୁଏମ ବାଲି ଉତ୍ତୋଳନ କରୁଛନ୍ତି। ଏହି ବାଲି ସୌରାତ୍ ଚଳାଇବା ପାଇଁ ସମୁଦାୟ ୩୭ ହଜାର ୪୦୦ ସିୟୁଏମ ବାଲି ଉତ୍ତୋଳନ ପାଇଁ ଅନୁମତି ଅଛି। ୦.୩ ମିଟର ହିସାବରେ ବର୍ଷକୁ ଯେତିକି ବାଲି ଉତ୍ତୋଳନ କରିବା କଥା ପ୍ରତିଦିନ ଏହି ମେସିନ ସାହାଯ୍ୟରେ ବେଆଇନ ଭାବେ ବହୁତ ଅଧିକ ବାଲି ଉତ୍ତୋଳନ କରାଯାଉଛି। ଏହା ଦ୍ୱାରା ସରକାର ଉକ୍ତ ସୈରାତ୍‌କୁ ବାର୍ଷିକ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହରାଉଥିବାର ଜଣାପଡୁଛି। ଅଧିକ ବାଲି ଉତ୍ତୋଳନ ଓ ପରିବହନ ଜଣା ପଡିଯିବା ଭୟରେ ତହସିଲ କାଯ୍ୟାଳୟରୁ ମିଳିଥିବା କେଫର୍ମ ଜାଣିଶୁଣି ଗାଡ଼ିକୁ ଦିଆଯାଉ ନାହିଁ। ଉକ୍ତ ବାଲି ସୈରାତ କୌଣସି ଗୋଟିଏ ମଧ୍ୟ ନିୟମର ସର୍ତ୍ତ ଅନୁସରଣ କରୁ ନାହିଁ ଏବଂ ଏହା ଜାତୀୟ ସବୁଜ ପ୍ରାଧିକରଣ (ଏନଜିଟି) ପାସ ହୋଇଛି କି ନାହିଁ ତାହା ମଧ୍ୟ ସନ୍ଦେହ ସୃଷ୍ଟି ହେଉଛି। ନଦୀ ପଠାରୁ ୪୦ ମିଟର ଛାଡ଼ି ଓ ମାତ୍ର ୦.୩ ମିଟର ଗଭୀର ପର୍ଯ୍ୟନ୍ତ ବାଲି ଉଠାଇବାର ନିୟମ ଥିବା ବେଳେ ଉକ୍ତ ଲିଜ୍‌ଧାରୀ ଏହାର ସମ୍ପୂର୍ଣ୍ଣ ଓଲଟା ଅର୍ଥାତ ନଦୀ ପଠାକୁ ଖୋଳି ଡମ୍ଫର ସାହାଯ୍ୟର ସହ ସହ ଟ୍ରିପ ମାଟି ବିକ୍ରି କରୁଛନ୍ତି। ଫଳରେ ନଦୀ ଗର୍ଭରେ ୫୦ ରୁ ୬୦ ଫୁଟ ପର୍ଯ୍ୟନ୍ତ ଗଣ୍ଡ ସୃଷ୍ଟି ହୋଇ କିଛି ଲୋକ ନଦୀରେ ଗାଧଇବା ସମୟରେ ପାଣିରେ ବୁଡ଼ିଯାଇ ମୃତ୍ୟୁ ବରଣ କରୁଥିବା ଉଦାହରଣ ମଧ୍ୟ ରହିଛି। ନଦୀ ଜଳଠାରୁ ମାଟି ଖୋଳି ବିକ୍ରି କରିବା ଫଳରେ ବୁଢ଼ାବଳଙ୍ଗ ନଦୀରେ ବନ୍ୟା ଆସିଲେ ନଦୀର ଗତିପଥ ପରିବର୍ତ୍ତନ ହୋଇ ଗ୍ରାମ ଗୁଡ଼ିକ ନଦୀ ଗର୍ଭରେ ଲୀନ ହେବାର ଆଶଙ୍କା ମଧ୍ୟ ସୃଷ୍ଟି ହୋଇଛି। ବର୍ତ୍ତମାନ ଗ୍ରୀଷ୍ମ ସମୟରେ ଗୋରୁ ଗାଈ, ଛେଳି ଇତ୍ୟାଦି ପ୍ରାଣି ମାନେ ପାଣି ପିଇବା ପାଇଁ ନଦୀକୁ ଯିବା ବେଳେ ନଦୀ ପାଣି ଗୋଳିଆ ହୋଇଯାଇଥିବାରୁ ପାଣି ମଧ୍ୟ ପିଇ ପାରୁ ନାହାନ୍ତି ।ରାଜ୍ୟ ପରିବେଶ ଓ ପ୍ରଭାବ ମୁଲ୍ୟାୟନ କର୍ତ୍ତୃପକ୍ଷଙ୍କ ଜଣେ ବରିଷ୍ଠ ବୈଜ୍ଞାନିକ, ରାଜ୍ୟ ପ୍ରଦୁଷଣ ବୋର୍ଡ଼ର ବରିଷ୍ଠ ବୈଜ୍ଞାନିକ, ଜିଲ୍ଲାପାଳ କିମ୍ବା ତାଙ୍କ କେହି ପ୍ରତିନିଧି ଓ ଜିଲ୍ଲା ଖଣି ଅଧିକାରୀଙ୍କୁ ନେଇ ଏକ କମିଟି ଗଠନ କରାଯାଇ ସସବା ଦହପଡ଼ା ବାଲି ସୈରାତକୁ ନିରପେକ୍ଷ ତଦନ୍ତ କରି ଯଦି ଆଇନ ବୈହିର୍ଭୁତ କାର୍ଯ୍ୟ କରାଯାଇ ଥାଏ ତାହାହେଲେ ଲିଜ୍‌ଧାରୀ କରୁଣାକର ଦାସଙ୍କ ଉପରେ ଦିତ କାର୍ଯ୍ୟାନୁଷ୍ଠାନ ନେବାକୁ ଏହି ୨ ଟି ଗ୍ରାମ ପଞ୍ଚାୟତର ଅଧିବାସୀ ମାନେ ଦାବି କରିଛନ୍ତି।

# ଡିଏସ୍‌ପି ଏମଏଫ ଉନ୍ମୋଚନ କଲା 'ଭିଜନ ୨୦/୨୦'

ଭୁବନେଶ୍ୱର (ପିଏନ): ବ୍ୟବସାୟର ଭବିଷ୍ୟତ ସମ୍ପର୍କରେ ଦୂରଦୃଷ୍ଟି ପୋଷଣ କରିବାକୁ ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ୍ 'ଭିଜନ ୨୦/୨୦' ଶୀର୍ଷକରେ ଏକ ଆକଳନ ବିଚାରାଧାରାକୁ ଉପସ୍ଥାପନ କରୁଛି। ଡାକ୍ତରୀ ଶାସ୍ତ୍ରରେ ୨୦/୨୦ ଦୃଷ୍ଟିଶକ୍ତିର ତୀକ୍ଷ୍ଣ ଅବସ୍ଥା ସମ୍ପର୍କରେ ସୂଚିତ କରୁଛି। ଡିଏସ୍‌ପି ଏମଏଫ ନିବେଶକ ଅଥବା ସମ୍ଭାବ୍ୟ ନିବେଶକ ବ୍ୟବସାୟ ସଂସ୍ଥାଗୁଡିକର ଭବିଷ୍ୟତ ସମ୍ପର୍କରେ ଆକଳନ କରିବା ସମୟରେ ତାହାକୁ ଉଚ୍ଚ ଦୃଶ୍ୟମାନ, ମଧ୍ୟମ ଦୃଶ୍ୟମାନ ଏବଂ ନିମ୍ନ ଦୃଶ୍ୟମାନ ବ୍ୟବସାୟ ସଂସ୍ଥା ଭାବରେ ପୃଥକ କରି ତିନିଟି ଲେନ୍‌ସର ଉପଯୋଗ କରିଛି। ଏହି ଆକଳନରେ କୁହାଯାଇଛି ଯେ ମଧ୍ୟମରୁ ଉଚ୍ଚ ଆୟକାରୀ ବର୍ଗ ଉବେର / ଓଲା ସେବା ବ୍ୟବହାର କରିବା ପରିବର୍ତ୍ତେ ବ୍ୟକ୍ତିଗତ କାର୍ ଅଥବା ଦୁଇଚକିଆ ଗାଡି ଖରିଦ କରିବାକୁ ପସନ୍ଦ କରିବେ। ସମ୍ପ୍ରତି କମ୍ ବ୍ୟୟସାପେକ୍ଷ ଏବଂ ବଜାରରେ ଚାହିଦା ଥିବା ବ୍ୟବହୃତ (ସେକେଣ୍ଡ ହ୍ୟାଣ୍ଡ) ଗାଡିଗୁଡିକର ଚାହିଦା ବୃଦ୍ଧିପାଇଛି। ଅନୁରୂପ ଭାବେ ଏକାଧିକ ସପିଂ ଆପ୍ଲିକେସନ ଜରିଆରେ ଜନସାଧାରଣ ଅନ୍‌ଲାଇନରେ କିଣାକିଣି କରୁଛନ୍ତି ଏବଂ ଅନ୍‌ଲାଇନ ସ୍ୱାସ୍ଥ୍ୟଯତ୍ନ ତଥା ଔଷଧ ଆଦିର ଚାହିଦା ବିପୁଳ ବୃଦ୍ଧି ଘଟିଛି। ଦରିଦ୍ର ଲୋକଙ୍କ ପାଇଁ ସରକାର ଉନ୍ନତ ଜୀବନ ନିର୍ବାହ ପରିବେଶ ଯୋଗାଇବା ଉପରେ ଗୁରୁତ୍ୱ ଦେବା ସମ୍ଭାବନା ଥିବାରୁ ସୁଲଭ ମୂଲ୍ୟ ବାସଗୃହ ନିର୍ମାଣ ମଧ୍ୟ ତ୍ୱରାନ୍ୱିତ ହୋଇପାରେ। ଅନ୍ୟପକ୍ଷରେ ୱାର୍କ ଫ୍ରମ ହୋମ୍ (ଘରେ ରହି ଅଫିସ କାମ କରିବା) ବ୍ୟବସ୍ଥା ଦ୍ୱାରା ଘରଭଡା ବ୍ୟବସାୟ ପ୍ରଭାବିତ ହୋଇପାରେ ଏବଂ ସେହି ସମୟରେ ଇଠକ୍ଷଗ୍ପ;ରନେଟ୍ କାରବାର ବ୍ୟାପକ ହେବ ଏବଂ ଏହାଦ୍ୱାରା ଦୂରସଂଚାର କମ୍ପାନୀଗୁଡିକ ଫାଇଦା ପାଇବେ। ଏଭଳି ପରିସ୍ଥିତିରେ ପ୍ୟାକେଟରେ ଆସୁଥିବା ପ୍ରସ୍ତୁତ ଖାଦ୍ୟର ଚାହିଦା ବୃଦ୍ଧିପାଇବ। ରପ୍ତାନିଭିତ୍ତିକ ଔଷଧୀୟ କମ୍ପାନୀଗୁଡିକ ମଧ୍ୟ 'ଆତ୍ମନିର୍ଭର ଭାରତ' ବିଷୟରୁ ସୁଯୋଗ ନେବାକୁ ଉତ୍ତମ ସ୍ଥିତିରେ ଅଛନ୍ତି। ହ୍ୟାଣ୍ଡ ସାନିଟାଇଜର, ହ୍ୟାଣ୍ଡ ୱାଶ୍ ଭଳି ସାମଗ୍ରୀର କାରବାର ୧୦ହଜାର ଗୁଣ ବୃଦ୍ଧିପାଇଛି। ଅନ୍ୟପକ୍ଷରେ ସାମାଜିକ ନିରାପତ୍ତା ବ୍ୟବସ୍ଥାର ଅଭାବ ଏବଂ ବ୍ୟୟବହୁଳ ସ୍ୱାସ୍ଥ୍ୟଯତ୍ନ ସହିତ ଭାରତରେ ସୁରକ୍ଷା ପ୍ରଦାନକାରୀ ପଲିସୀର ଖୁବ କମ୍ କାରବାର ଯୋଗୁଁ ଉଭୟ ସ୍ୱାସ୍ଥ୍ୟ ଓ ଟର୍ମଲାଇଫ ଇନସ୍ୟୁରାନ୍ସ ଚାହିଦା ବୃଦ୍ଧି ପାଇପାରେ। ଏହାକୁ ଡିଏସ୍‌ପି ଏମଏଫ ଭିଜନ ୧୫/୨୦ ବର୍ଗରେ ସ୍ଥାନିତ କରିଛି। ବେତନ କାଟ ଏବଂ ଚାକିରୀ ଛଟେଇ ଭଳି ଜଟିଳ ସମୟରେ ସାଧାରଣ ଜନତାଙ୍କ ଦ୍ୱାରା ଆଦୃତ ହେଉଥିବା ବ୍ରାଣ୍ଡ୍‌ଗୁଡିକ ପ୍ରିମିୟମ ବ୍ରାଣ୍ଡ୍‌ଗୁଡିକୁ ପଛରେ ପକାଇଦେବା ଆଶା

କରାଯାଉଛି, କାରଣ ଗ୍ରାହକମାନେ ମୂଲ୍ୟପ୍ରତି ସଚେତନ ହୋଇ କିଣାକିଣି କରିବା ଆରମ୍ଭ କରିଛନ୍ତି। ପ୍ରାଥମିକ ସମୟରେ ଅସାଧୁ ମହଜୁଦ କାରଣରୁ ଉପଭୋକ୍ତାଙ୍କ ଦ୍ୱାରା ମୁଖ୍ୟ ଖାଦ୍ୟସାମଗ୍ରୀ ବିପୁଳ ପରିମାଣରେ କିଣାକିଣି କରାଯିବା ପରିଲକ୍ଷିତ ହୋଇଛି ଏବଂ ଏ କ୍ଷେତ୍ରରେ ଦୀର୍ଘସୂତ୍ରୀ ଅଭିବୃଦ୍ଧି ଅପରିବର୍ତ୍ତିତ ରହିବା ମନେ କରାଯାଉଛି। ସ୍ୱାସ୍ଥ୍ୟରକ୍ଷା ଉତ୍ପାଦଗୁଡିକର ସୀମିତ ବ୍ୟବହାର ଏବଂ ଟୁଥପେଷ୍ଟ, ଫେସୱାଶ୍, ସାମ୍ପୁ ଭଳି ଅନ୍ୟ ସ୍ୱାସ୍ଥ୍ୟରକ୍ଷା ବର୍ଗର ଉତ୍ପାଦଗୁଡିକରେ ସେଭଳି ବୃଦ୍ଧି ଲକ୍ଷ୍ୟ କରାଯାଇନାହିଁ। ପ୍ୟାକେଟରେ ଆସୁଥିବା ଖାଦ୍ୟସାମଗ୍ରୀ ଚାହିଦା ଆଶାତୀତ ବୃଦ୍ଧିଘଟିଛି ଏବଂ ନିକଟରେ ଜଣେ ବିସ୍କୁଟ ଉତ୍ପାଦନକାରୀଙ୍କ କହିବା ଅନୁଯାୟୀ ସେମାନେ ଅଶୀବର୍ଷ ମଧ୍ୟରେ ଯେତିକି ବ୍ୟବସାୟ କରିନଥିଲେ ତାହା ଚଳିତ ମାସଗୁଡିକରେ କରିଛନ୍ତି। ତେବେ ଏହି ଧାରା ଜାରି ରହିବ ବୋଲି ଆମେ ମନେକରିପାରିବା ନାହିଁ। ଡିଏସ୍‌ପି ଏମଏଫର ଭିଜନ ୧୦/୨୦ ବର୍ଗରେ ଏହା ସ୍ଥାନ ପାଇଛି। ସାମ୍ପ୍ରତିକ ସ୍ଥିତିରେ ଲୋକେ ବାହାରେ ଖାଇବା ବନ୍ଦ କରିଦେଇଛନ୍ତି। ମହାମାରୀ ସମୟରେ ଅନ୍‌ଲାଇନ ସାମଗ୍ରୀ ଯୋଗାଣ ଗୁରୁତର ପ୍ରଭାବିତ ହୋଇଥିଲା ଏବଂ ଏହିସବୁ ରୋଷଶାଳା ବନ୍ଦ ହୋଇଯାଇଥିଲା। ଖୁଚୁରା ବ୍ୟବସାୟ ମଧ୍ୟ ପ୍ରଭାବିତ ହୋଇଥିଲା, ଯଦିଓ ସମ୍ପ୍ରତି ଏଥିରେ ପୁନରୁଦ୍ଧାର ଘଟିବାର କେତେକ ସୂଚନା ମିଳୁଛି। ତେଣୁ ଏହି ଶ୍ରେଣୀଗୁଡିକ ପୂର୍ବ ଅବସ୍ଥାକୁ ଫେରିବା ନିମନ୍ତେ କିଛି ସମୟ ଲାଗିବ ଏବଂ ଉପଭୋକ୍ତାଙ୍କର ବିଶ୍ୱାସ ଫେରାଇ ଆଣିବା ସହିତ ସେମାନଙ୍କ ଆସ୍ଥା ଜିତିବା ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ହେବ। ତତ୍‌ସହିତ ସମ୍ପ୍ରତି ଚଳଚ୍ଚିତ୍ରଗୁଡିକ ଅନ୍‌ଲାଇନ ପ୍ଲାଟଫର୍ମରେ ମୁକ୍ତିଲାଭ କରୁଥିବାରୁ ମଲ୍‌ଟିପ୍ଲେକ୍ସଗୁଡିକ ପ୍ରଭାବିତ ହେବ। ବିମାନରେ ଆବଦ୍ଧ ପରିବେଶ ସହିତ ଯାତ୍ରୀମାନେ ପାଖାପାଖି ବସୁଥିବାରୁ ନିୟମିତ ଯାତ୍ରୀବାହୀ ବିମାନ ଚଳାଚଳ ସ୍ୱାଭାବିକ ହେବାକୁ ଆଉ କିଛିଦିନ ଲାଗିପାରେ। କୋଭିଡ ଓ ଅଣ କୋଭିଡ ଚିକିତ୍ସା ନିମନ୍ତେ ରାଜ୍ୟ ସରକାରମାନେ ମୂଲ୍ୟ ସ୍ଥିର କରୁଥିବାରୁ ହସପିଟାଲଗୁଡିକରେ ଘରୋଇ ନିବେଶ ପ୍ରଭାବିତ ହୋଇପାରେ ବୋଲି କୁହାଯାଇଛି। ବ୍ୟାଙ୍କଗୁଡିକ ମଧ୍ୟ ମୋରାଟୋରିୟମକୁ ନେଇ ଆଗକୁ ବଢିବା ସମ୍ପର୍କରେ ଶିକ୍ଷାଲାଭ କରୁଛନ୍ତି ଏବଂ ଏହାଦ୍ୱାରା କେତେ ପ୍ରତିଶତ ଅର୍ଥ ପୁନର୍ଗଠନ କରାଯିବ, ତାହା ଦେଖିବାକୁ ବାକି ରହିଛି। ଏହା ଭିଜନ ୫/୨୦ରେ ସ୍ଥାନିତ ହୋଇଛି। ଡିଏସ୍‌ପିର ପୋର୍ଟଫୋଲିଓର ମୁଖ୍ୟଭାଗ ଉଚ୍ଚ ଏବଂ ନିମ୍ନ ଦୃଶ୍ୟମାନ କ୍ଷେତ୍ରରେ ଥିବା କମ୍ପାନୀଗୁଡିକୁ ନେଇ ପ୍ରସ୍ତୁତ। ଡିଏସ୍‌ପି ଏମଏଫ୍‌ର ବିଶ୍ୱାସ ଯେ କମ୍ ପରିମାଣର ଋଣ ସହିତ ଅଧିକ ଅର୍ଥ ପ୍ରବାହ ବ୍ୟବସ୍ଥା ସୃଷ୍ଟି ଦୀର୍ଘସୂତ୍ରୀ ଆକାରରେ ଉତ୍ତମ ଭାବେ କାର୍ଯ୍ୟ କରିଥାଏ ଏବଂ ଆମେ ସମ୍ପ୍ରତି ଯାହା ଦେଖୁଛୁ ସଙ୍କଟ ସମୟରେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିବେଚିତ ହୁଏ। ମାତ୍ରାଧିକ ଋଣକୁ ନେଇ ଭାରାକ୍ରାନ୍ତ ଅଥବା ସ୍ୱଳ୍ପ ଅର୍ଥ ପ୍ରବାହ ବ୍ୟବସ୍ଥା ଥିବା କମ୍ପାନୀଗୁଡିକ ହୁଏତ ସଫଳତାର ସହିତ ପ୍ରତିଦ୍ୱନ୍ଦ୍ୱିତା କରିବା ନେଇ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଗୋଟିଏ କମ୍ପାନୀ ମୂଳଧନକୁ କେତେ ଦକ୍ଷ ଭାବରେ ନିବେଶ କରିପାରୁଛି ଏବଂ ପୁଞ୍ଜି ଦକ୍ଷତାଭିତ୍ତିକ ବ୍ୟବସାୟକୁ ପସନ୍ଦ କରୁଛି, ତାହା ଉପରେ ସମ୍ପତ୍ତି ସୃଷ୍ଟି ନିର୍ଭର କରେ ବୋଲି ଡିଏସ୍‌ପିର ବିଶ୍ୱାସ। ଏହା ଏକଥା ମଧ୍ୟ କହିଛି ଯେ ସାମ୍ପ୍ରତିକ ପରିବେଶ ଅନିଶ୍ଚିତ ଏବଂ ଅସ୍ଥିର ଅବସ୍ଥାରେ ରହିଛି। ବର୍ତ୍ତମାନ ସମୟରେ ଘଟୁଥିବା ପରିବର୍ତ୍ତନ ଉପଭୋକ୍ତାଙ୍କ ଆଚରଣରେ ପରିବର୍ତ୍ତନ ଆଣିବ। ତେଣୁ ଏହାକୁ ନେଇ ଡିଏସ୍‌ପି ଏମଏଫ ଉଲ୍ଲସିତ ଥିଲେ ମଧ୍ୟ ଭବିଷ୍ୟତ ପ୍ରତି ସଜାଗ ଦୃଷ୍ଟି ରଖିଛି।

# ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ବାଲେଶ୍ୱର: ଆଜି ପୂର୍ବାହ୍ନରେ ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଏକ ସୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ପଥବିକ୍ରେତା ଜୀବିକା ସୁରକ୍ଷା ଓ ପଥ ବିକ୍ରେତା ବିନିମୟ ଆଇନ ଉଲଘଂନ ଏବଂ ପଥବିକ୍ରେତାଙ୍କ ଜୀବିକା ଓ ଜୀବନ ଉଚ୍ଛେଦ ଅଭିଯୋଗ ବନ୍ଦ କରିବାକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପଥବିକ୍ରେତା ଙ୍କ ଜୀବିକା ସୁରକ୍ଷା ପାଇଁ ୨୦୧୪ କେନ୍ଦ୍ରୀୟ ଆଇନକୁ ବାଲେଶ୍ୱର ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ବାର ଉଲଘଂନ କରି ଏହି ବର୍ଗର ମଣିଷଙ୍କ ଜୀବନ ଧାରଣ ଦୁର୍ବିସ କରାଇଲେଣି। ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ବାର ଉଚ୍ଛେଦ କରି ପଥ ବିକ୍ରେତା ବୃଦ୍ଧି ଥିବା ସହ ସହ ପଥ ବିକ୍ରେତାଙ୍କ ଆଇନ ଗତ ସାମ୍ବିଧାନିକ ଅଧିକାରକୁ ଛଡ଼ାଇ ନେଇ ବାରମ୍ବାର ଅନ୍ୟାୟ କରିଚାଲିଛନ୍ତି। ଏହି ପରି ରାୟ ଶାସନ ବନ୍ଦ କରି ଉଠା ଦାକାନିଙ୍କୁ ସାମ୍ବିଧାନିକ ସାମାଜିକ ନ୍ୟାୟ ପ୍ରଦାନ କରିବା ନିମନ୍ତେ ଦାବି କରିଛନ୍ତି। ଓଟି ରୋଡ଼ରେ ୨ ଟିକିଆ ରାସ୍ତାର ପିଚୁ ରାସ୍ତା ଶେଷ ଠାରୁ ସାଢ଼େ ୪ ମିଟର ଭିତରେ କୌଣସି ଦୋକାନି ରହି ପାରିବେ ନାହିଁ ବୋଲି ପୌର କାର୍ଯ୍ୟ ନିର୍ବାହି ଅଧକାରୀ ପଥ ବିକ୍ରେତା ସଂଘ କର୍ମକର୍ତ୍ତା ମାନଙ୍କୁ କହିବା ପରେ ପଥ ବିକ୍ରେତା ମାନେ ସେହି ଦିନ ବାହାରକୁ ଉଠାଇ ନେଇଥିଲେ। ରାସ୍ତାର ୨ ପାଶ୍ୱରେ କୌଣସି ଦୋକାନି ରହି ପାରିବେ ନାହିଁ ବୋଲି ଆରଏନବି ସଂସ୍ଥା କର୍ମଚାରୀ ମାନେ ସେଠାରେ ପଥ ବିକ୍ରେତା ମାନଙ୍କୁ ଭୟବିତ କରାଉଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସପିଙ୍ଗ କମ୍ପଲେକ୍‌ସ ନିର୍ମାଣ ବନ୍ଦ କରି ସେହି ଅଟାଳିକା ଗୁଡ଼ିକରେ ଇଂଚୁଡ଼ି ଲବଣ ସତ୍ୟା ଗ୍ରହ ଏବଂ ସ୍ୱାଧିନତା ଆନ୍ଦୋଳର ସଂଗ୍ରହାଳୟ ପ୍ରତିଷ୍ଠା କରାଯାଉଛି। ଓଟି ରୋଡର ସାଢ଼େ ୪ ମିଟର ପର୍ଯ୍ୟନ୍ତ ପ୍ରଶସ୍ତିକରଣ କରାଇବା ପରେ ବାକି ସ୍ଥାନ ଗୁଡ଼ିକ ପଥ ବିକ୍ରେତା କେନ୍ଦ୍ର ଓ ରାଜ୍ୟ କୁଟିରଶିଳ୍ପ, ହସ୍ତଶିଳ୍ପ ସମେତ ଆଞ୍ଚଳିକ ସାମଗ୍ରିର ପଥବିକ୍ରେତା କେନ୍ଦ୍ର ପ୍ରତିଷ୍ଠା କରି ଏହା କୁ ଜାତୀୟ ସ୍ତରରେ ଆକର୍ଷଣୀୟ ପଥ ବିକ୍ରେତା କେନ୍ଦ୍ର କରାଯାଇ ପର୍ଯ୍ୟଟକ ଗ୍ରାହକ ମାନଙ୍କୁ ଆକୃଷ୍ଟ କରାଯାଉ। ବ୍ରିଜ ଅଞ୍ଚଳର କରୋନା ମହାମରୀ ସମୟର ସରକାରୀ ଘୋଷିତ ରିଲିଫ୍ ସମସ୍ତଙ୍କୁ ପ୍ରଦାନ କରାଯାଉ। ଜୟନ୍ତ ଦାସ ଙ୍କ ନେତୃତ୍ୱରେ ଅବିଦ ଖାନ, ମୋହିନି ମୋହନ ପରିଡ଼ା, ଅଭିରାମ ବାରିକ, ପ୍ରଶାନ୍ତ ସେଠୀ, ରତନ ଗିରି, ବିଜୟ ସାହ. ରାଧା ବାରିକ, ସୁମନ ସିଂହ, ନୟନ ମାଲୋହତ୍ରା ପ୍ରମୁଖ ଏହି ଶୋଭା ଯାତ୍ରାରେ ସାମିଲ ହୋଇଥିଲେ।




# ଧର୍ମ ପରିବର୍ତ୍ତନ ନା ହୃଦୟ ପରିବର୍ତ୍ତନ !

ନିକଟରେ ରାଜଧାନୀ ଦିଲ୍ଲୀର ଆମ୍ବେଦକର ଭବନଠାରେ ଦଶ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା। ସମସ୍ତେ ଏକ ସ୍ୱରରେ କହୁଥିଲେ କୃଷ୍ଣ ଭଗବାନ କିଏ? ରାମଙ୍କୁ ଆମେ କାହିଁକି ମାନିବୁ? ଶିବ ଗଞ୍ଜୋଡ଼ ଇତ୍ୟାଦି। ମନ ଭିତରେ ସେମାନଙ୍କର ଭୀଷଣ କ୍ଷୋଭ ଓ ବିରକ୍ତିକର ଭାବନା ବାରି ହୋଇପଡୁଥିଲା। ଗତ ମାସର ପ୍ରଥମ ସପ୍ତାହରେ ଘଟିଥିବା ଏହି ମତାନ୍ତରଣ ଆମ ସମସ୍ତଙ୍କୁ ଦୀର୍ଘଦିନ ପର୍ଯ୍ୟନ୍ତ ଚିନ୍ତା କରିବାକୁ ବାଧ କରିବ। ଆୟୋଜକମାନେ ଦାବି କରନ୍ତି ଯେ, ଆମ ସମ୍ବିଧାନ ପ୍ରତ୍ୟେକ ବ୍ୟକ୍ତିଙ୍କୁ ନିଜ ଇଚ୍ଛା ଅନୁସାରେ କୌଣସି ଧର୍ମ ଗ୍ରହଣ କରିବା ପାଇଁ ସ୍ୱାଧୀନତା ଦେଇଆସିଛି। ଏହି କାର୍ଯ୍ୟକ୍ରମରେ ଦଶହଜାର (ଦଳିତ) ଜନଜାତିବର୍ଗର ବ୍ୟକ୍ତି ହିନ୍ଦୁଧର୍ମ ପରିତ୍ୟାଗ କରି ବୌଦ୍ଧଧର୍ମ ଗ୍ରହଣ କଲେ। ବର୍ତ୍ତମାନ ପ୍ରଶ୍ନ ଉଠୁଛି ଏକସଙ୍ଗରେ ଦଶ ହଜାର ବ୍ୟକ୍ତିଙ୍କୁ କିପରି ହିନ୍ଦୁଧର୍ମ ଅସହ୍ୟବୋଧ ହେଲା, ବୌଦ୍ଧମତ ପ୍ରତି ଆସ୍ଥା ଘନୀଭୂତ ହେଲା? କାର୍ଯ୍ୟକ୍ରମଟିରେ ମନ୍ତ୍ରୀ ରାଜେନ୍ଦ୍ର ପାଲ ଗୌତମଙ୍କର ସକ୍ରିୟତା ବିବାଦାସ୍ପଦ ମନେହୁଏ। ସମାରୋହରେ ବାବାସାହେବ ଆମ୍ବେଦକରଙ୍କ ନାତି ରାଜରତ୍ନ ଆମ୍ବେଦକର ଉପସ୍ଥିତ ଥିଲେ। ସେ ଲୋକମାନଙ୍କୁ ହିନ୍ଦୁ ଦେବଦେବୀଙ୍କୁ ନ ମାନିବା, ପୂଜାପାଠ ନ କରିବା ଆଦି ପ୍ରତିଜ୍ଞା କରାଉଥିଲେ। ତାଙ୍କ ବକ୍ତବ୍ୟରେ ଭାରତୀୟ ସମାଜ ବ୍ୟବସ୍ଥା ପ୍ରତି ଆକ୍ରମଣାତ୍ମକ ମନୋଭାବ ଭରିରହିଥିଲା।

ବାବାସାହେବ ବୌଦ୍ଧ ଭିକ୍ଷୁ ନଥିଲେ ବରଂ ଜଣେ ରାଜନୈତିକ ବ୍ୟକ୍ତି ଥିଲେ। ସେ ୧୯୩୫ ମସିହାରେ ହିନ୍ଦୁଧର୍ମ ତ୍ୟାଗ କରିବାକୁ ଘୋଷଣା କରଥିଲେ ମଧ୍ୟ ସ୍ୱାଧୀନତା ପରବର୍ତ୍ତୀ ସମୟରେ ୧୯୫୬ ମସିହାରେ ବୌଦ୍ଧଧର୍ମ ଗ୍ରହଣ କଲେ। ପ୍ରଶ୍ନ ଉଠେ ସେ ଦୀର୍ଘ ୨୦ ବର୍ଷ କାହିଁକି ଅପେକ୍ଷା କଲେ? ତାଙ୍କର ନିଷ୍ପତ୍ତି ଭୁଲ ଥିଲା କି? ବାବାସାହେବ ବୌଦ୍ଧଧର୍ମ ଗ୍ରହଣ କରିବା ପଛର ବଡ଼ କାରଣ ଥିଲା ହିନ୍ଦୁଧର୍ମରେ ଥିବା ପଛୁଆ (ଦଳିତ) ବର୍ଗଙ୍କୁ ସମାନ ଅଧିକାର ଦେବା। ବାବାସାହେବଙ୍କ ଉଦ୍ଦେଶ୍ୟ ମହାନ ଥିଲେ ମଧ୍ୟ ଏହାର କୌଣସି ପ୍ରଭାବ ତତ୍କାଳୀନ ସମାଜରେ ପଡ଼ିପାରି ନଥିଲା। ବାବା ସାହେବଙ୍କ ପରେ ବହୁ ପଛୁଆ ଦଳିତ ବର୍ଗର ବ୍ୟକ୍ତି ବୌଦ୍ଧଧର୍ମ ଗ୍ରହଣ କରିଥିଲେ। ସବର୍ଣ୍ଣ ଅସବର୍ଣ୍ଣ ଭେଦଭାବରେ କୌଣସି ପରିବର୍ତ୍ତନ ଆସି ନଥିଲା। ଦୀର୍ଘ ୭୦ବର୍ଷ ପରେ ଏବେ ଯଦି ହିନ୍ଦୁ ସମାଜକୁ ଦେଖିବା, ତେବେ ଆଜି ଅନେକ କ୍ଷେତ୍ରରେ ଦଳିତଙ୍କର ସାମାଜିକ ଉତ୍ଥାନ ହୋଇଛି। ସେମାନେ ସବର୍ଣ୍ଣଙ୍କ ସହିତ ସମାନ କିମ୍ବା କେତେକ ସ୍ଥାନରେ ସେମାନଙ୍କଠାରୁ ଅଧିକ ଭଲ ସ୍ଥିତିରେ ଅଛନ୍ତି।

ବାସ୍ତବରେ ଏପରି କ'ଣ ଆବଶ୍ୟକ ପଡ଼ିଲା ଅଥଚ ଦଶ ହଜାର ପଛୁଆ ବର୍ଗର ବ୍ୟକ୍ତି ହିନ୍ଦୁଧର୍ମ ପରିତ୍ୟାଗ କଲେ? ଆୟୋଜକମାନଙ୍କ କାର୍ଯ୍ୟକଳାପକୁ ନେଇ ଅନେକ ସନ୍ଦେହ ସୃଷ୍ଟି ହେଉଛି। ବାବା ସାହେବଙ୍କର ଉଦ୍ଦେଶ୍ୟ ଥିଲା ସମାଜକୁ ଯୋଡ଼ିବା, ପଛୁଆ ବର୍ଗଙ୍କୁ ସମାନ ଅଧିକାର ପ୍ରଦାନ କରବା। କିନ୍ତୁ ସମ୍ପ୍ରତି ଏହି କାର୍ଯ୍ୟକ୍ରମରୁ ଜଣାପଡୁଛି ଏଠାରେ ସମାଜକୁ ଯୋଡ଼ିବା ବଦଳରେ ବିଭାଜନ କରିବାର ଭାବନା ବେଶି। କୌଣସି ବ୍ୟକ୍ତି ଜୈନ, ବୌଦ୍ଧ ଓ ଶିଖ ମତ ଗ୍ରହଣ କଲେ ତାଙ୍କୁ ଧର୍ମ ପରିବର୍ତ୍ତନ ବୋଲି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସ୍ୱୀକାର କରେନାହିଁ। ସେମାନଙ୍କ ଉପରେ କୌଣସି ଆପତ୍ତି ଉଠାଏ ନାହିଁ। କାରଣ ବୌଦ୍ଧମତ ହିନ୍ଦୁଧର୍ମର ଏକ ଉପାଙ୍ଗ ରୂପେ ରହିଆସିଛି। ବର୍ତ୍ତମାନ କେନ୍ଦ୍ରରେ ବିଜେପି ସରକାରଙ୍କୁ ଶାସନରୁ ହଟାଇବା ପାଇଁ ହିନ୍ଦୁଧର୍ମରୁ ଜନଜାତି ପଛୁଆବର୍ଗଙ୍କୁ ଅଲଗା କରିବା ତଥା ମୁସଲମାନଙ୍କୁ ଅଗ୍ରାଧିକାର ଦେବା ଭିତ୍ତିରେ କେଜ୍ରିୱାଲ ସରକାର ଯୋଜନା ପ୍ରସ୍ତୁତ କରୁଛି। ଓଡ଼ିଶାର ଧର୍ମାନ୍ତରୀକରଣ ମଧ୍ୟ ଏକ ସ୍ପର୍ଶକାତର ବିଷୟ। ରାଜ୍ୟ ସରକାର ଏ ପ୍ରସଙ୍ଗରେ ଜାଣିଶୁଣି ଯେପରି ଆଖିବୁଜି ଦେଇଛନ୍ତି ତାହା ଆଗାମୀ ଦିନରେ ଓଡ଼ିଶାର ସଂସ୍କୃତି ତଥା ସମାଜ ଉପରେ ପ୍ରତିକୂଳ ପ୍ରଭାବ ପକାଇବ। ମୁଖ୍ୟମନ୍ତ୍ରୀ ନିକଟରେ ୟୁରୋପ ଗସ୍ତରେ ଯାଇ ପୋପ୍‌ଙ୍କୁ ଯେପରି ସାକ୍ଷାତ କଲେ ତାହା ଓଡ଼ିଶାକୁ ୟୁରୋପୀକରଣ କରିବାର ପ୍ରାକ୍ ପ୍ରସ୍ତୁତି ବୋଲି ବୁଝିବାକୁ ହେବ। ସମ୍ପୂର୍ଣ୍ଣ ରାଜନୈତିକ ଉଦ୍ଦେଶ୍ୟ ରଖି ଯେତେବେଳେ କାର୍ଯ୍ୟ କରାଯାଏ ସେତେବେଳେ ଧାର୍ମିକ ଆସ୍ଥା କେବଳ ଏକ ବାହାନା ହୋଇଥାଏ। ଦିଲ୍ଲୀର ଆମ୍ବେଦକର ଭବନରେ ଧର୍ମାନ୍ତରୀକରଣ ସମାରୋହ କରାଇଥିବା ବ୍ୟକ୍ତି ରାଜେନ୍ଦ୍ର ପାଲ 'ବୁଦ୍ଧିଷ୍ଟ ସୋସାଇଟ ଅଫ ଇଣ୍ଡିଆ' ଜୟଭୀମ ମିଶନର ରାଷ୍ଟ୍ରୀୟ ସଂରକ୍ଷକ। ଏହି ଜୟଭୀମ ମିଶନ ଓଡ଼ିଶାର ପୁରପଲ୍ଲୀରେ ଥିବା ଜନଜାତି ଅଞ୍ଚଳରେ ମଧ୍ୟ ତା'ର କାର୍ଯ୍ୟ ଆରମ୍ଭ କରିଦେଇଛି। ଓଡ଼ିଶାବାସୀ ସତର୍କ ରହିବା ଆବଶ୍ୟକ। ଧର୍ମ ପରିବର୍ତ୍ତନ ହୃଦୟ ପରିବର୍ତ୍ତନର ବିଷୟ। ରାଜନୈତିକ ଉଦ୍ଦେଶ୍ୟ ରଖି କାହାର ହୃଦୟକୁ ପରିବର୍ତ୍ତନ କରାଯାଇପାରେ ନାହିଁ। ଦେଶ ଦୁନିଆ ପାଇଁ ଏହା ଚିନ୍ତାର କାରଣ।

**—ଚିତ୍ତରଞ୍ଜନ ମହାପାତ୍ର**
**ଶିମୂଳୀପାଟଣା, ଚନ୍ଦକା, ମୋ- ୯୪୩୯୫୬୧୮୫୪**

# ଅଲ୍ ଓଡ଼ିଶା ପୁରୁଣା ସି.ଟି./ବି.ଏଡ୍. ମହାସଂଘର ସାଧାରଣ ବୈଠକ ଅନୁଷ୍ଠିତ

ଭୁବନେଶ୍ୱର (ପିଏନ୍): ଅଲ୍ ଓଡ଼ିଶା ପୁରୁଣା ସି.ଟି./ବି.ଏଡ୍. ମହାସଂଘର ଏକ ସାଧାରଣ ବୈଠକ ଭୁବନେଶ୍ୱରସ୍ଥିତ ସଂଘ କାର୍ଯ୍ୟାଳୟରେ କାର୍ଯ୍ୟକାରୀ ସଭାପତି ଶ୍ରୀଯୁକ୍ତ ଧନଞ୍ଜୟ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ପୂର୍ବରୁ ମହାସଂଘର ଦାବିଗୁଡ଼ିକ ମାନ୍ୟବର ମୁଖ୍ୟମନ୍ତ୍ରୀ, ୫-ଟି ସଚିବ, ମୁଖ୍ୟ ଶାସନ ସଚିବ, ବିଭାଗୀୟ ସଚିବ ଓ ରାଜ୍ୟ ସାଙ୍ଗଠନିକ ସମ୍ପାଦକଙ୍କୁ ପ୍ରଦାନ କରାଯାଇଥିବାର ବିଷୟ ସମ୍ପାଦକ ଶ୍ରୀଯୁକ୍ତ ବାବାଜୀ ଚରଣ ବାରିକ ଉପସ୍ଥିତ ସଭ୍ୟ/ସଭ୍ୟାଙ୍କୁ ସୂଚନା ଦେଇଥିଲେ। ସେତେବେଳର ସରକାରୀ ଦଳର ମୁଖ୍ୟ ସଚେତନ ଶ୍ରୀମତ ପ୍ରମିଳା ମଲ୍ଲିକଙ୍କ ଦ୍ୱାରା ଆଗତ ପ୍ରସ୍ତାବ ବିଧାନସଭାରେ ଗୃହୀତ ହୋଇଥିଲା। ବର୍ତ୍ତମାନ ବିଧାନସଭାର ଶିକ୍ଷା ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଶ୍ରୀଯୁକ୍ତ ଭୂପିନ୍ଦର ସିଂହ ମଧ୍ୟ ଗୃହରେ ଆଲୋଚନା କରି ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ତେଣୁ ସରକାରଙ୍କ ଉଦ୍ଦେଶ୍ୟରେ କୌଣସି ବିରୋଧାତ୍ମକ କାର୍ଯ୍ୟ ନ କରି ପୂର୍ଣ୍ଣ ଭରସା ରଖି ତୁରନ୍ତ ବୟସ ଅତିକ୍ରାନ୍ତ ହୋଇଥିବା ସମସ୍ତ ପୁରୁଣା ସି.ଟି./ବି.ଏଡ୍. ଭାଇଭଉଣୀମାନଙ୍କୁ ସ୍ୱତନ୍ତ୍ର ପ୍ୟାକେଜ୍‌ରେ ନିଯୁକ୍ତି କରାଯିବାକୁ ସଂଘ ତରଫରୁ ସରକାରଙ୍କ ନିକଟରେ ଦାବି ରଖାଗଲା। ସମସ୍ତ ଅଧିକାରୀଙ୍କ ନିକଟକୁ ସଂଘର ଦାବିପତ୍ରକୁ ତୁରନ୍ତ ପହ ାଇବାକୁ ସମ୍ପାଦକଙ୍କୁ ଦାୟିତ୍ୱ ପ୍ରଦାନ କରାଗଲା। ଉକ୍ତ ବୈଠକରେ ସଂଘର ଉପ-ସଭାପତି ମୀନକେତନ ମିଶ୍ର, ସହ-ସମ୍ପାଦକ ବିନୟ କୁମାର ମହାପାତ୍ର, କୋଷାଧ୍ୟକ୍ଷ ମନଜା ମଞ୍ଜରୀ ସାହୁ, କଲ୍ୟାଣୀ ସାହୁ, ସୁକାନ୍ତି ନନ୍ଦ, ଗଙ୍ଗାଧର ସାହୁ, ପ୍ରଦୀପ୍ତ କୁମାର ସାହୁ, ପ୍ରଶାନ୍ତ କୁମାର ରାଉତ, ବଂଶୀଧର ପାଣି, ଦର୍ଶନ କୁମାର ବିନ୍ଧାଣି, ନାରାୟଣ ଚନ୍ଦ୍ର ବାରିକ, ବିଷ୍ଣୁଚରଣ ଦାଶ, ବିଜୟ ନାୟକ, ସୁଦାମ ଚରଣ ଦାସ, ଜ୍ଞାନରଞ୍ଜନ ପଣ୍ଡା, ଚିତ୍ତରଞ୍ଜନ ବଳିଆରସିଂହ, ବ୍ରହ୍ମାନନ୍ଦ ପଣ୍ଡା, ପ୍ରଫୁଲ୍ଲ ମହାପାତ୍ର, ଗୋବିନ୍ଦ ଚନ୍ଦ୍ର ବେହେରା, ଗଗନ ଚନ୍ଦ୍ର ମିଶ୍ର, ଦିବାକର ପ୍ରଧାନ, ବିଦ୍ୟାଧର ସାହୁ, ଓ ଜଗନ୍ନାଥ ସାହୁ ପ୍ରମୁଖ ସଭ୍ୟସଭ୍ୟାମାନେ ଉପସ୍ଥିତ ଥିଲେ।

# ଫକୀରମୋହନ ବିଶ୍ୱବିଦ୍ୟାଳୟ ପରିସରରେ ଆନ୍ତର୍ଜାତିକ ଉନୁରୁମ ଉତ୍ସବ ଉଦ୍‌ଯାପିତ



ବାଲେଶ୍ୱର (ପିଏନ୍)-ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ଭାଷା ଓ ସାହିତ୍ୟ ବିଭାଗ ପରିସରରେ କଳା, ସାହିତ୍ୟ ଓ ସଂସ୍କୃତିର ମହାର୍ଘ୍ୟ ପର୍ବ ଉନୁରୁମ ଆନ୍ତର୍ଜାତିକ ଉତ୍ସବ ଫକୀରମୋହନ ବିଶ୍ୱ ବିଦ୍ୟାଳୟ ଓ ୟଙ୍ଗହାର୍ଟ ମିଳିତ ସହଯୋଗରେ ଉଦ୍‌ଯାପିତ ହୋଇଯାଇଛି। ଏହି ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ବିଦ୍ୟାଳୟର କୁଳପତି ସନ୍ତୋଶ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଆନ୍ତର୍ଜାତିକ ସ୍ତରର ଅତିଥି ମାନେ ଯୋଗ ଦେଇଥିବା ବେଳେ ପଦ୍ମଶ୍ରୀ ଇଲିଆନ ସିତାରିଷ୍ଟି, ପ୍ରଫେସର ମୁନେଶ ଚନ୍ଦ୍ର ଅଧିକାରୀ, କୁଙ୍କୁମିନା ଦାସ, ଅଭିନେତା ଅଶ୍ରୁମୋଚନ ମହାନ୍ତି, ଶୈଳେନ୍ଦ୍ର ମହାନ୍ତି ଏବଂ ମୁଖ୍ୟ ଅତିଥି ଭାବେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା ବେଳେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ଷ୍ଟଲରେ ନିଜସ୍ୱ ହସ୍ତଶିଳ୍ପ ପ୍ରଦର୍ଶନୀ ଓ ବିକ୍ରି ଏବଂ ବିଭିନ୍ନ ପ୍ରକାରର ଓଡ଼ିଆ ଘରର ପରମ୍ପରା ଅନୁସାରେ ଖାଦ୍ୟ, ପ୍ରଦର୍ଶନୀ ଏବଂ ବିକ୍ରି କରାଯାଇଥିଲା। ଶେଷରେ ଆମ ପରମ୍ପରାର ସଭାପତି ଶ୍ରୀଯୁକ୍ତ ବିକର୍ତନ ନାୟକ ଜଗନ୍ନାଥଙ୍କ ଭଜନ ଗାଇ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରକୃତି କୋଳରେ ସ୍ନାନର ଅନୁଭବ : ଫରେଷ୍ଟ ବାଥିଂ



ବର୍ତ୍ତମାନର ସମୟକୁ ଦେଖିଲେ ଭିତରେ ଶରୀରର ସୁସ୍ଥତାକୁ ଗୁରୁତ୍ୱ ଯନ୍ତ୍ରଣାସିକ୍ତ ସମୟରେ ସେମାନଙ୍କୁ ବାସ୍ତବରେ ସ୍ୱାସ୍ଥ୍ୟ ହିଁ ସମ୍ପଦ। ପ୍ରକୃତି ସହ ପ୍ରତ୍ୟକ୍ଷ ଓ ପରୋକ୍ଷ ପବନରେ ଗଢ଼ା ଆମ ଏହି ସ୍ଥୂଳ ତତ୍ତ୍ୱରେ ଏହି ତିନୋଟି ଉପାଦାନର ରହିଛି। ବର୍ତ୍ତମାନର ବସ୍ତୁସର୍ବସ୍ୱ ଓ ଜୀବନ ଭିତରେ ସମସ୍ତେ ଅନେକ ଅବସକୁ ଅନୁଭବ କରନ୍ତି। ଅନେକ ବ୍ୟସ୍ତବହୁଳ ଜୀବନ ଦେଇନଥାନ୍ତି କିନ୍ତୁ ପରବର୍ତ୍ତୀ ଏହା ଅନୁଭବୀ କରିଥାଏ ଯେ ଆବହମାନ ସମୟରୁ ଆମ୍ଭେମାନେ ଭାବେ ଜଡ଼ିତ। ମାଟି, ପାଣି ଓ ଶରୀର ଏବଂ ପ୍ରତିଟି ମଣିଷର ଶରୀର ଗୁରୁତ୍ୱପୂର୍ଣ୍ଣ ଓ ଅପରିହାର୍ଯ୍ୟ ଉପଲବ୍ଧି ବୃତ୍ତିଗତ କ୍ଷେତ୍ରକୁ ନେଇ ଧାଁ ଧଉଡ ସମୟରେ କ୍ଲାନ୍ତ ବା ଶରୀରର ସେମାନେ କିଛି ବିଶ୍ରାମ ଚାହିଁଥାନ୍ତି କିନ୍ତୁ ସେମାନଙ୍କ ବିଶ୍ରାମ ପରୋକ୍ଷ ଭାବେ ସେମାନଙ୍କର କାର୍ଯ୍ୟ ବ୍ୟସ୍ତତା ଭିତରେ ବାଧା ପହଞ୍ଚାଇଥାଏ। କିନ୍ତୁ ବାସ୍ତବ କଥା ହେଉଛି ଶରୀର ରଖି ହିଁ ଜୀବନ ଧର୍ମ ସାଧନ କରିବା କଥା ଯାହାକି ଅନେକ ସମୟରେ ଆମେ ଜାଣି ମଧ୍ୟ ଏହାକୁ କାର୍ଯ୍ୟରେ ପରିଣତ କରିନଥାଉ। ସୁସ୍ଥ ରହିବା ପାଇଁ ମଣିଷ ଯୋଗ, ବ୍ୟାୟାମ ଠାରୁ ସୁଷମ ତଥା ସନ୍ତୁଳିତ ଖାଦ୍ୟ ଖାଇବା ଯାଏ କ'ଣ ନକରେ। କିଛି ଲୋକ ଶରୀରକୁ ସତେଜ ରଖିବା ପାଇଁ କେତେବେଳେ ଷ୍ଟିମ ବାଥ, ମଡ଼ ବାଥ ଭଳି ପଦ୍ଧତି ଆପଣେଇଥାଆନ୍ତି। କିନ୍ତୁ ଫରେଷ୍ଟ ବାଥ। ମାନେ ଝରଣାରେ ଗାଧୋଇ ପଡ଼ିଲେ ତାହା ଜଙ୍ଗଲ ସ୍ନାନ ସହିତ ସମାନ ହୋଇଯିବ। କିନ୍ତୁ ଏହି ଧାରଣା ବି ଠିକ ନୁହେଁ। ଜଙ୍ଗଲ ସ୍ନାନ ହେଉଛି ଏକ ନିର୍ଦ୍ଦିଷ୍ଟ ପଦ୍ଧତି। ଜୀବନକୁ ଚାପମୁକ୍ତ, ସ୍ୱାସ୍ଥ୍ୟକର ତଥା ସୁଖଦ କରିବା ପାଇଁ ଜାପାନିମାନେ ପ୍ରଥମେ ଜଙ୍ଗଲ ସ୍ନାନ ପଦ୍ଧତି ଆରମ୍ଭ କରିଥିଲେ। ଏଥିରେ ଅତ୍ୟଧିକ ୱାର୍କଆଉଟ କରିବାକୁ ପଡ଼ିବ ନାହିଁ, ଜିମ୍ ଯିବାକୁ ହେବ ନାହିଁ। ତଥାପି ଜୀବନକୁ ସହଜ ଓ ସୁନ୍ଦର କରାଯାଇପାରିବ। ଜଙ୍ଗଲ ସ୍ନାନ କହିଲେ ଘଞ୍ଚ ଜଙ୍ଗଲର ଗାଢ଼ ସବୁଜିମା ମଧ୍ୟରେ କିଛି ଘଣ୍ଟା ଶାନ୍ତିରେ ଚଲାବୁଲା କରିବା।

ଅନେକ ହୁଏତ ଜାଣିନଥାନ୍ତି ସାରା ବିଶ୍ୱରେ ପ୍ରଥମ ଥର ପାଇଁ ଜାପାନି ବିଶେଷଜ୍ଞମାନେ ଫରେଷ୍ଟ ବାଥିଂ ବା ଜଙ୍ଗଲ ସ୍ନାନର ଧାରଣା ସୃଷ୍ଟି କରିଥିଲେ। ଜାପାନର ସୀମା ଅତିକ୍ରମ କରି ଏବେ ଏହି ପଦ୍ଧତି ଅନ୍ୟାନ୍ୟ ଦେଶକୁ ପ୍ରସରି ଗଲାଣି। ଜଙ୍ଗଲ ସ୍ନାନ ଟ୍ରେକିଂ ବା ହାଇକିଂ ସହିତ ସମାନ ନୁହେଁ। ଜାପାନରେ ଏହି ପଦ୍ଧତିକୁ ଶିନ୍ରିନ ୟୋକୁ କୁହାଯାଏ। ଜାପାନି ବିଶେଷଜ୍ଞମାନଙ୍କ ଅନୁସାରେ ଜଙ୍ଗଲ ମଧ୍ୟର ହାଲୁକା ଚଲାବୁଲା କରିବା ଦ୍ୱାରା ଥକ୍କାପଣ, ଅବସାଦଜନିତ ଦୁର୍ବଳତା ଆଦି ଦୂରେଇଥାଏ। ତେବେ ଜଙ୍ଗଲ ସ୍ନାନ ସମୟରେ ଗପିବା, ମୋବାଇଲ ଦେଖିବା ଆଦିରୁ ବିରତ ରହିବାକୁ ପଡ଼ିବ। ଜଙ୍ଗଲ ଭିତରର ପରିବେଶ ବିଶୁଦ୍ଧ। ସେହି ପରିବେଶରେ କିଛି ସମୟ ଚଲାବୁଲା କଲେ ଶରୀର ମଧ୍ୟକୁ ଶୁଦ୍ଧ ଅମ୍ଳଜାନ ଯାଇଥାଏ। ମନ ଭିତରୁ ନକାରାତ୍ମକ ଭାବନା ଆପେ ଆପେ ଦୂରେଇ ଯାଇଥାଏ। ଜଙ୍ଗଲ ସ୍ନାନକୁ ନେଇ ଏହା ମଧ୍ୟରେ ବେଶ କେତୋଟି ଅଧ୍ୟୟନ ହୋଇସାରିଛି। ପ୍ରାୟ ସବୁ ଅଧ୍ୟୟନରେ ସମାନ ନିର୍ଯ୍ୟାସ ଦେଖିବାକୁ ମିଳିଛି ଯେ ଏହି ପଦ୍ଧତି ଆପଣେଇଥିବା ଲୋକଙ୍କ ମଧ୍ୟରେ ରକ୍ତଚାପ, ହୃଦଘାତ, ମଧୁମେହ, ମାନସିକ ଚାପ ଭଳି ସମସ୍ୟା ଅନେକାଂଶରେ କମିଯାଇଛି। ଉପରୋକ୍ତ ଫରେଷ୍ଟ ବାଥିଂ ନିଶ୍ଚିନ୍ତ ଭାବେ ଶରୀରକୁ ଉପଷମ ଦେବ। ପ୍ରକୃତି କୋଳରେ କିଛି ମୁହୂର୍ତ୍ତ ବିତାଇ ବିଶୁଦ୍ଧ ଅମ୍ଳଜାନ ଶରୀର ଭିତରକୁ ନେବା ସହ ଶାନ୍ତି, ସ୍ନିଗ୍ଧ ଅମୃତମୟ ପରିବେଶ ଆମ୍ଭ ମାନଙ୍କ ସ୍ୱାସ୍ଥ୍ୟ ଜୀବନଚର୍ଯ୍ୟାକୁ ଏକ ଦିବ୍ୟ ଆନନ୍ଦରେ ପରିଣତ କରିପାରିବ। ଏ କ୍ଷେତ୍ରରେ ଆମ୍ଭମାନଙ୍କର ମାନସିକତା ସର୍ବାଦୌ ପ୍ରାଥମିକତା। କାରଣ ଆମେ ଇଚ୍ଛା ନକଲେ ଏ ଆନନ୍ଦ ପାଇ ପାରିବା ନାହିଁ ଯାହାପାଖରେ ଅର୍ଥ, ପ୍ରତିପତ୍ତି, କ୍ଷମତା, ବାହୁବଳ କିଛି ହିଁ ନୁହେଁ। ସ୍ୱାସ୍ଥ୍ୟ ଯେ ଶ୍ରେଷ୍ଠ ସମ୍ପଦ ଏବଂ ନିରୋଳା ଶାନ୍ତ ପରିବେଶ ଭିତରେ ଆମ୍ଭେମାନେ କିପରି ଯେ ଅଶାନ୍ତମୟ ଜୀବନକୁ ଅତିବାହିତ କରୁଛେ ତାର ବଡ଼ ପ୍ରମାଣ ଏହି ଫରେଷ୍ଟ ବାଥିଂ ହିଁ ଦେଇଥାଏ। ଜୀବନରେ କେବେ ସୁଯୋଗ ପାଇଲେ ଏପରି ଦିବ୍ୟ ଆନନ୍ଦକୁ ହାତଛଡ଼ା କରନ୍ତୁନାହିଁ।

**ବିଜୟ କୁମାର ପୃଷ୍ଟି**, ସମ୍ପାଦକ, ନିରାମୟ, କଟକ, ଦୂରଭାଷ : ୯୮୬୧୪୬୪୯୩୨

# ଜିଲ୍ଲାସ୍ତରୀୟ "ସମ୍ବିଧାନ ଦିବସ" ପାଳନ ଅବସରରେ ମୁଖବନ୍ଧ ପାଠ ଅନୁଷ୍ଠିତ

ବାଲେଶ୍ୱର (ପିଏନ୍)- ସ୍ୱାଧୀନତା ପ୍ରାପ୍ତି ପରେ ୧୯୪୯ ମସିହା ନଭେମ୍ବର ମାସ ୨୬ ତାରିଖରେ ଭାରତବର୍ଷ ନିଜକୁ ଦେଇଥିଲା ଏହାର ସମ୍ବିଧାନ। ଭାରତ ସମ୍ବିଧାନର ପିତା ଡକ୍ଟର ଭୀମରାଓ ଆମ୍ବେଦକରଙ୍କ ନେତୃତ୍ୱରେ ସମ୍ବିଧାନ ପ୍ରଣୟନ ସଭାରେ ଗୃହୀତ ହେବା ପରେ ୧୯୪୯ ମସିହା ନଭେମ୍ବର ୨୬ ତାରିଖରେ ଆମ ସମ୍ବିଧାନ ଅଙ୍ଗୀକୃତ, ଅଧିନିୟମିତ ତଥା ଆତ୍ମାର୍ପିତ ହୋଇଥିଲା। ଏହି ନଭେମ୍ବର ୨୬ ତାରିଖ ଦିନଟିକୁ ଭାରତବର୍ଷର ସମ୍ବିଧାନ ଦିବସ ରୂପେ ପାଳନ କରାଯାଇଆସୁଅଛି। ଆମ ରାଜ୍ୟରେ ଏହା ବିଭିନ୍ନ ସରକାରୀ ତଥା ବେସରକାରୀ ସ୍ତରରେ ଭିନ୍ନ ଭିନ୍ନ ଅନୁଷ୍ଠାନର ଭିନ୍ନ ଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ପାଳନ କରାଯାଉଛି। ଆମ ସମ୍ବିଧାନର ପ୍ରାରମ୍ଭରେ ଏହାର ମୁଖବନ୍ଧ ସ୍ଥାନିତ ହୋଇଅଛି ଯାହାକୁ ସମ୍ବିଧାନର ଆତ୍ମା କୁହାଯାଇଥାଏ। ସମ୍ବିଧାନ ଦିବସ ପାଳନର ଏକ ମୁଖ୍ୟ ଅଂଶ ହେଉଛି ସମସ୍ତ ନାଗରିକଙ୍କ ଦ୍ୱାରା ମୁଖବନ୍ଧ ପାଠ। ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲ୍ଲା କାର୍ଯ୍ୟାଳୟର ବିଭିନ୍ନ ବିଭାଗର ଅଧିକାରୀ ତଥା କର୍ମଚାରୀଙ୍କୁ ନେଇ ଏହି ମୁଖବନ୍ଧ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉପସ୍ଥିତ କର୍ମଚାରୀ ଓ ଅନ୍ୟମାନଙ୍କୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନିଲୁ ମହାପାତ୍ର ମୁଖବନ୍ଧ ପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଅତିରିକ୍ତ ଉପଜିଲ୍ଲାପାଳ ଶ୍ରୀ କିଶୋର ଚନ୍ଦ୍ର ସ୍ୱାଇଁ, ଡେପୁଟି କଲେକ୍ଟର ଶ୍ରୀ ସିତାଂଶୁ ଦାସ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଭବାନୀ ଶଙ୍କର ଭୂୟାଁ, ଶ୍ରୀ ପୂର୍ଣ୍ଣଚନ୍ଦ୍ର ଜେନା, ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ଆଶୀଷ କୁମାର ସାହୁ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ଯୁବକ ମାଝୀ, ଅବକାରୀ ଅଧକ୍ଷକ ଓ ଅନ୍ୟ ଅଧିକାରୀ ତଥା କର୍ମଚାରୀ ଉପସ୍ଥିତ ରହି ମୁଖବନ୍ଧ ପାଠରେ ସହଯୋଗ କରିଥିଲେ। ପ୍ରକାଶ ଥାଉକି ପ୍ରଥମେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଭବାନୀ ଶଙ୍କର ଭୂୟାଁ ସମ୍ବିଧାନ ଦିବସ ପାଳନର ତାତ୍ପର୍ଯ୍ୟ ବର୍ଣ୍ଣନା କରିଥିଲେ ଏବଂ ତତ୍ ପରେ ଅତିରିକ୍ତ ଜିଲ୍ଲପାଳ ଶ୍ରୀ ନିଲୁ ମହାପାତ୍ର ମୁଖବନ୍ଧ ପାଠ କରାଇଥିଲେ।

# ଗାନ୍ଧୀଙ୍କ ପ୍ରାସଙ୍ଗିକତା ସର୍ବଦା ରହିଛି



ଭୁବନେଶ୍ୱର (ପିଏନ୍): ସ୍ଥାନୀୟ ଶହୀଦନଗର କାର୍ଯ୍ୟାଳୟଠାରେ ସାମାଜିକ ବୌଦ୍ଧିକ ତଥା ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଆଦର୍ଶ ଚିନ୍ତାଧାରାକୁ ନେଇ ଗଠିତ ଅନୁଷ୍ଠାନ "ହର ଦିଲମେଁ ଗାନ୍ଧୀ"ର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗାନ୍ଧୀଙ୍କ ଆଦର୍ଶ, ଚିନ୍ତାଧାରାକୁ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଜନସାଧାରଣଙ୍କ ପାଖରେ ପହ ାଇବା ତଥା ବିଭିନ୍ନ ସାମାଜିକ ସଂଗଠନମାନଙ୍କୁ ଏକତ୍ର କରି ଗାନ୍ଧୀଙ୍କ ଚିନ୍ତାଧାରା, କାର୍ଯ୍ୟ, ମୂଲ୍ୟବୋଧ ତଥା ଦେଶପ୍ରେମର ଅଗ୍ନି ସମାଜରେ ପରିବ୍ୟାପ୍ତ କରିବା ଲକ୍ଷ୍ୟକୁ ନେଇ ଉକ୍ତ ବୈଠକ ସ୍ୱାଧୀନତା ସଂଗ୍ରାମୀ ଉତ୍ତରଦାୟାଦ ସଂଗଠନର ଆବାହକ, ବିଶିଷ୍ଟ ସମାଜସେବୀ ଶିବ ନାରାୟଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ସମାଜସେବୀ ଗାନ୍ଧିବାଦୀ ବିଜୟ ତ୍ରିପାଠୀ, ଶହୀଦ ରଘୁ-ଦିବାକର ସ୍ମୃତି ସଂସଦର ସାଧାରଣ ସମ୍ପାଦକ ବ୍ରଜବନ୍ଧୁ ପରିଡ଼ା, ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ମୁଖପାତ୍ର ସାମ୍ବାଦିକ ଅରବିନ୍ଦ ତ୍ରିପାଠୀ, ନାରାୟଣ ସେବା ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ସୀତାଂଶୁ ଶେଖର ମହାରଣା, ସଂଗ୍ରାମୀ ଦାୟାଦ ରାଜକୁମାର ଜେନା ଯୋଗଦେଇ ଗାନ୍ଧୀଙ୍କ ନୀତି, ଆଦର୍ଶ ଯୁଗେଯୁଗେ ରହିଛି ଓ ରହିବ ବୋଲି ମତବ୍ୟକ୍ତ କରିଥିଲେ। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ସମାଜସେବୀ ଶରତ ଚନ୍ଦ୍ର ପ୍ରଧାନ।

## ନୀଳଗିରି ଅ ଳରୁ ବ୍ରାଉନସୁଗାର ଜବତ

ବାଲେଶ୍ୱର (ପିଏନ୍)-ନୀଳଗିରି ଥାନା ଅନ୍ତର୍ଗତ ସନ୍ତରାଗଡ଼ିଆ ଅ ଳରୁ ବ୍ରାଉନ ସୁଗାର ଜବତ କରାଯାଇଛି। ବାଲେଶ୍ୱର ଜିଲ୍ଲା ଅବକାରୀ ମୋବାଇଲ ସ୍କ୍ୱାର୍ଡ଼ ଓ ନୀଳଗିରି ଅବକାରୀ ବିଭାଗ ପକ୍ଷରୁ ମିଳିତ ଚଢ଼ଉ କରାଯାଇ ୨୪୨ ଗ୍ରାମ ଧଳା ଜହର ଜବତ ସହ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଜଣଙ୍କ ହେଲେ ସନ୍ତରାଗଡ଼ିଆ ନିକଟ ଯୁକ ଗାଡ଼ିଆ ଅ ଳର ପର୍ଶୁରାମ ପାଣିଗ୍ରାହୀ। ଏବେ କିଛିଦିନ ହେଲା ପର୍ଶୁରାମ ଗାଁରେ ବ୍ରାଉନସୁଗାର କାରବାର ଚଳାଇ ଆସୁଥିଲା। ତେବେ ଜିଲ୍ଲା ଅବକାରୀ ମୋବାଇଲ ସ୍କ୍ୱାଡ୍ ଓ ନୀଳଗିରି ଅବକାରୀ ବିଭାଗ ପକ୍ଷରୁ ମିଳିତ ଚଢ଼ଉ କରାଯାଇ ୫ ହଜାର ଟଙ୍କା ନଗଦ ଜବତ ସହ ୨୪ ଲକ୍ଷ ୨୦ ହଜାର ଟଙ୍କାର ବ୍ରାଉନ ସୁଗାର ଜବତ କରାଯାଇଛି।

# ଇଫ୍‌କୋ ପକ୍ଷରୁ ଗୋମଙ୍ଗଳ ସମିତିକୁ ଗୋଖାଦ୍ୟ ପ୍ରଦାନ



ପାରାଦୀପ (ପିଏନ୍)-କେନ୍ଦ୍ରାପଡାରେ ଥିବା ଶ୍ରୀଶ୍ରୀ ସିଦ୍ଧବଳଦେବ ଜିଉ ଗୋମଙ୍ଗଳ ସମିତିକୁ ପାରାଦୀପ ଇଫକୋ ପକ୍ଷରୁ ଗୋଖାଦ୍ୟ ପ୍ରଦାନ କରାଯାଇଛି। ଏହି ଗୋମଙ୍ଗଳ ସମିତିରେ ୬୦ରୁ ଉର୍ଦ୍ଧ୍ୱ ଗାଇଗୋରୁ ରହୁଥିବା ବେଳେ ଆର୍ଥିକ ସଂକଟ ଯୋଗୁଁ ସେମାନଙ୍କୁ ସଠିକ ଭାବେ ଗୋଖାଦ୍ୟ ଯୋଗାଯାଇପାରୁ ନଥିବାରୁ ସମିତି ପକ୍ଷରୁ ଇଫକୋ ପାରାଦୀପ ୟୁନିଟର ନିର୍ଦ୍ଦେଶକ କେ.ଜେ. ପଟେଲଙ୍କୁ ସହଯୋଗ ନିମନ୍ତେ ଅନୁରୋଧ କରାଯାଇଥିଲା। ଏହି ମର୍ମରେ ଇଫକୋ କର୍ତ୍ତୃପକ୍ଷ ତୁରନ୍ତ ଦୁଇ ଟନରୁ ଉର୍ଦ୍ଧ୍ୱ ଗୋଖାଦ୍ୟ ସାମଗ୍ରୀ ଏହି ଗୋମଙ୍ଗଳ ସମିତିକୁ ପ୍ରଦାନ କରିଥିଲେ। ଇଫକୋ ଲୋକସମ୍ପର୍କ ଅଧିକାରୀ ପ୍ରଶନ୍ନ କୁମାର ବେଉରାଙ୍କ ନେତୃତ୍ୱରେ ଏକ ଟିମ ସେଠାରେ ପହଁଚି ସମିତିର ସଭାପତି ଫକିର ଚରଣ ଖଟୁଆ, ସମ୍ପାଦକ ସୁଶିଳ କୁମାର ସାମଲ ଏବଂ ଅନ୍ୟ ସଦସ୍ୟଙ୍କ ଉପସ୍ଥିତିରେ ଏହି ସାମଗ୍ରୀ ପ୍ରଦାନ କରିଥିଲେ। ସୂଚନା ଥାଉକି, ଜଗତସିଂହପୁର ଓ କେନ୍ଦ୍ରାପଡା ଜିଲ୍ଲା ସମେତ ଓଡିଶାର ବିଭିନ୍ନ ସ୍ଥାନରେ ଇଫକୋ ପକ୍ଷରୁ ଏଭଳି ଜନମଙ୍ଗଳକାରୀ କାର୍ଯ୍ୟ ଜାରୀ ରହିଛି ବୋଲି ଶ୍ରୀ ବେଉରା କହିଛନ୍ତି।

# ଡଃ ଏକାଦଶୀ ପାଢ଼ୀଙ୍କ ବିୟୋଗରେ ଶୋକ

ଯାଜପୁର (ପିଏନ୍): ସାହିତ୍ୟିକ ତଥା ଗବେଷକ ଡଃ ଏକାଦଶୀ ପାଢ଼ୀଙ୍କ ବିୟୋଗରେ ଶ୍ରୀ ବିରଜା ସେବାସମିତି ପକ୍ଷରୁ ଶୋକ ପ୍ରକାଶ କରାଯାଇଅଛି। ସ୍ୱର୍ଗତ ପାଢ଼ୀ ଶିକ୍ଷକତା ସହିତ ବହୁ ପୁସ୍ତକ ରଚନା କରିଥିଲେ ଓ କେତେକ ଐତିହାସିକ ସମ୍ପର୍କରେ ଗବେଷଣାରେ ବୁଡ଼ି ରହିଥିଲେ। ସେ ବହୁ ସ୍ଥାନରେ ସମ୍ବର୍ଦ୍ଧିତ ହୋଇଥିଲେ। ଶ୍ରୀ ବିରଜା ମନ୍ଦିର ପଣ୍ଡିତ ସଭାର ସେ ଜଣେ ସକ୍ରିୟ ବାହ୍ମଣ ଥିଲେ। ଶ୍ରୀ ବିରଜା ସେବା ସମିତି ସମ୍ମାନ ତାଙ୍କୁ ପ୍ରଦାନ କରାଯାଇଥିଲା। ସ୍ୱର୍ଗତ ପାଢ଼ୀ ଥିଲେ ଜଣେ ସରଳ, ଅମାୟିକ ଓ ସ୍ପଷ୍ଟବାଦୀ। ଏଣୁ ବିରଜା ସେବା ସମିତି ପକ୍ଷରୁ ସଭାପତି ବିଶ୍ୱମ୍ଭର ମିଶ୍ର, ସମ୍ପାଦକ ସମାଜସେବୀ ପାଣ୍ଡବ ସାହୁ, ଉପସଭାପତି ପ୍ରମୋଦ ଦ୍ୱିବେଦୀ ଓ ଶିବପ୍ରସାଦ ବଳ, କର୍ମକର୍ତ୍ତା ବନବିହାରୀ ମହାପାତ୍ର, ଗଦାଧର ରାଉତ, କ୍ଷୀରୋଦ ପାଠୀ, ବୃନ୍ଦାବନ ମିଶ୍ର, ଅଧିକାରୀ ନବକିଶୋର ଦାସ, ସୁବାସ ମହାନ୍ତି, ସୁବାସ ମହାପାତ୍ର, ବ୍ରଜକିଶୋର ମହାନ୍ତି, ମହେନ୍ଦ୍ର କୁମାର ଦାସ, ଗିରିଧାରୀ ସ୍ୱାଇଁ, ରମେଶ ଚନ୍ଦ୍ର ରାଉତ, ହରିହର ବେହେରା, ବିରଜା ପ୍ରସାଦ କର, ମଧୁସୂଦନ ମହାନ୍ତି, ଶ୍ରୀନାଥ ମହାନ୍ତି ପ୍ରମୁଖ ଶୋକ ପ୍ରକାଶ କରିଥିଲେ।

# ପାରାଦୀପ ବନ୍ଦର ଏସସି/ଏସଟି ଆସୋସିଏସନ ପକ୍ଷରୁ ସମ୍ବିଧାନ ଦିବସ ପାଳିତ



ପାରାଦୀପ (ପିଏନ୍)- ପାରାଦୀପ ବନ୍ଦର ଏସସି/ଏସଟି ୱେଲଫେୟାର ଆସୋସିଏସନ ପକ୍ଷରୁ ପାରାଦୀପସ୍ଥିତ ଡଃ. ବି.ଆର. ଆମ୍ବେଦକର ପାର୍କ ପରିସରରେ ୧୬୬ତମ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆସୋସିଏସନ ପକ୍ଷରୁ ସମ୍ବିଧାନ ପ୍ରଣେତା ବାବାସାହେବ ଭାରତରତ୍ନ ଡଃ. ବି.ଆର. ଆମ୍ବେଦରଙ୍କ ପ୍ରତିମୂର୍ତ୍ତିରେ ସାଧାରଣ ସମ୍ପାଦକ ଧୃନଚନ୍ଦ୍ର ତରାଇ, ସହସମ୍ପାଦକ ଅଜୟ କୁମାର ବେହେରା, ବନ୍ଦରର ପୂର୍ବତନ ଟ୍ରଷ୍ଟି ପରେଶ ମୁର୍ମୁ, ବର୍ତ୍ତମାନର ଟ୍ରଷ୍ଟି ସୁନିଲକାନ୍ତ ଦାସ, ଲିତାରାମ ହାଇବ୍ରୁ, ବିପ୍ଳବ କୁମାର ଜେନା, ମହେଶ୍ୱର ସୋରେନଙ୍କ ସମେତ ଅନ୍ୟ ବହୁ ସଦସ୍ୟମାନେ ମାଲ୍ୟାର୍ପଣ କରି ସମ୍ବିଧାନ ଦିବସ ପାଳନ କରିଥିଲେ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Phragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ମହିଳା ଗୃହରକ୍ଷୀ ସୌରିନ୍ଦ୍ରି ସାହୁଙ୍କୁ ନ୍ୟାୟ ଦେବାପାଇଁ ପ୍ରଦେଶ କଂଗ୍ରେସ ପ୍ରତିନିଧି ଦଳ କଟକରେ ଓଡ଼ିଶା ପୋଲିସ ମହାନିର୍ଦ୍ଦେଶକଙ୍କୁ ସାକ୍ଷାତ କଲେ

ଭୁବନେଶ୍ୱର,(ପି.ଏନ): ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ପୂର୍ବତନ ମନ୍ତ୍ରୀ ଶ୍ରୀମତୀ ବିଜୟଲକ୍ଷ୍ମୀ ସାହୁଙ୍କ ନେତୃତ୍ୱରେ କଂଗ୍ରେସର ଏକ ପ୍ରତିନିଧି ଦଳ ଆଜି କଟକ ଠାରେ ଅନୁଗୁଳର ରାଣିଗୁଡ଼ା ଗ୍ରାମର ମହିଳା ଗୃହରକ୍ଷୀ ସୌରିନ୍ଦ୍ରି ସାହୁଙ୍କୁ ନ୍ୟାୟ ଦେବାପାଇଁ ପୋଲିସ ମହାନିର୍ଦ୍ଦେଶକ ଶ୍ରୀ ସୁନିଲ ବଂଶଲଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରଥମେ ଏହି ପ୍ରତିନିଧି ଦଳ କଟକର ଅଶ୍ୱିନୀ ହସ୍‌ପିଟାଲର ଟ୍ରମା ସେଂଟରଠାରେ ଚିକିତ୍ସିତ ହେଉଥିବା ଗୃହରକ୍ଷୀ ସୌରିନ୍ଦ୍ରି ସାହୁଙ୍କୁ ସାକ୍ଷାତ କରିବାପାଇଁ ଯାଇଥିଲେ। ମାତ୍ର ସେଠାରେ ପ୍ରଦେଶ କଂଗ୍ରେସର ପ୍ରତିନିଧିମାନଙ୍କୁ ହସପିଟାଲ କର୍ତ୍ତୃପକ୍ଷ ସାକ୍ଷାତ କରିବାପାଇଁ ସୁଯୋଗ ଦେଲେ ନାହିଁ। ଏହାପରେ ଏହି ପ୍ରତିନିଧି ଦଳ ସିଧାସଳଖ ପୋଲିସ ମହାନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟକୁ ଯାଇ ପୋଲିସ ମହାନିର୍ଦ୍ଦେଶକ ଶ୍ରୀ ସୁନିଲ ବଂଶଲଙ୍କୁ ସାକ୍ଷାତ କରି ମହିଳା ଗୃହରକ୍ଷୀଙ୍କୁ ନ୍ୟାୟ ଦେବା ପାଇଁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଆଜି ପ୍ରଦେଶ କଂଗ୍ରେସ କମିଟିର ଏହି ପ୍ରତିନିଧି ଦଳ ଏହି ଘଟଣାର ତୀବ୍ର ସମାଲୋଚନା କରି ପ୍ରକାଶ କରିଛନ୍ତି ଯେ ନବୀନ ସରକାରଙ୍କର ମା'କୁ ସମ୍ମାନର ଆହ୍ୱାନ ଏକ ଫମ୍ପା ଆହ୍ୱାନ। ଗୃହ ବିଭାଗ ଯାହାକି ମୁଖ୍ୟମନ୍ତ୍ରୀଙ୍କ ଦାୟୀତ୍ୱରେ ଅଛି ଏବଂ ଯେଉଁ ବିଭାଗ ସାଧାରଣ ଜନତାଙ୍କୁ ଏବଂ ବିଶେଷକରି ମହିଳାଙ୍କୁ ସୁରକ୍ଷା ଦେବାପାଇଁ ଉଦିଷ୍ଟ ସେହି ବିଭାଗର ଉଚ୍ଚପଦସ୍ଥ ଅଫିସର ଆଜି ଗୃହରକ୍ଷୀ ସୌରିନ୍ଦ୍ରି ସାହୁଙ୍କ ଦୁରାବସ୍ଥା ପାଇଁ ଦାୟୀ। ଡିଆଇଜି ବ୍ରିଜେଶ କୁମାର ରାୟ ଏବଂ ତାଙ୍କର ସ୍ତ୍ରୀଙ୍କ ତାଡ଼ନା ସହି ନପାରି ସୌରିନ୍ଦ୍ରି ସାହୁ ଆତ୍ମହତ୍ୟା କରିବାପାଇଁ ରେଳଧାରଣାକୁ ଯାଇଥିଲେ ସେ ତାଙ୍କର ଦୁଇଟି ଗୋଡ଼ ହରାଇଲେ। ଜଣେ ଗୃହରକ୍ଷୀଙ୍କୁ କିଭଳି ଭାବରେ ଡିଆଇଜି ବ୍ରିଜେଶ କୁମାର ରାୟ ନିଜ ଘରେ ଚାକରାଣୀ ଭଳି ଦୀର୍ଘ ୭ମାସ ଧରି ଖଟାଉଥିଲେ ତାହା ଆଶ୍ଚର୍ଯ୍ୟର କଥା। ପୀଡ଼ିତା ତାଙ୍କର ଦରଖାସ୍ତରେ ଯାହା ଉଲ୍ଲେଖ କରିଛନ୍ତି ତାହା ଅତ୍ୟନ୍ତ ଦୁଃଖଦାୟକ। ବ୍ରଜେଶ କୁମାରଙ୍କ ଘରେ ସେ ତାଙ୍କ ପିଲାଙ୍କୁ ଗାଧୋଇ ପାଧୋଇ ଦେବା, ଖାଇବା ଦେବା, ସ୍କୁଲ ନେବାଆଣିବା କରିବା ସେମାନଙ୍କର ମଳ ଓ ପରିଶ୍ରା କପଡ଼ା ସଫା କରିବା, ଛୁଆଙ୍କର ଯୋତାଚପଲ ସଫା କରିବା, ଡିଆଇଜିଙ୍କର ଚଡ଼ି, ଗି ସଫାକରିବା ଓ ତାଙ୍କ ସ୍ତ୍ରୀଙ୍କର ଲୁଗା, ବ୍ଲାଉଜ ସଫା କରିବା ଓ ଆଇରନ କରିବା, ଲାଟ୍ରିନ ଓ ବାଥରୁମ ସଫାକରିବା, ଅଇଁଠା ବାସନ ଧୋଇବା, ପିଲାମାନଙ୍କୁ ଖେଳାଇବା କାମରେ ଲଗାଇଥିଲେ। ଏପରିକି ଡିଆଜିଙ୍କ ସ୍ତ୍ରୀ ଆରୁଷିରାୟଙ୍କୁ ପ୍ରତ୍ୟେକ ଦିନ ତେଲ ମାଲିସ କରିବା ଓ ଠିକ ଭାବେ ମାଲିସ ନକରିପାରିଲେ ଆରୁଷି ରାୟ ତାଙ୍କୁ ନିର୍ମମ ଭାବରେ ଗୋଇଠା ମାରିବା ଘଟଣା ମଧ୍ୟ ପୀଡ଼ିତା ତାଙ୍କ ପତ୍ରରେ ଲେଖିଛନ୍ତି। ପୀଡ଼ିତା ଅଭିଯୋଗ କରିଛନ୍ତି ଯେ ତାଙ୍କ ନିଜ ପିଲାମାନଙ୍କର ଦେହ ଖରାପ ହେଲେ ମଧ୍ୟ ତାଙ୍କୁ ଛୁଟି ମିଳେନାହିଁ। ସେ ସ୍ପଷ୍ଟ ଭାବରେ ଲେଖିଛନ୍ତି ଯେ ଅନେକ ଥର ଡିଆଇଜିଙ୍କ ସ୍ତ୍ରୀ ତାଙ୍କୁ ନିର୍ଘାତ ମାଡ଼ ମାରିଛନ୍ତି। ସବୁବେଳେ ଚାକିରି ନେଇଯିବାର ଧମକ ଦେବା ଫଳରେ ପୀଡ଼ିତା ଭୟକରି ଅଭିଯୋଗ କରିପାରନ୍ତି ନାହିଁ ଏବଂ ପରିଶେଷରେ ଏହି ଯାତନାରୁ ମୁକ୍ତିପାଇଁ ସେ ଆତ୍ମହତ୍ୟା କରିବାପାଇଁ ରେଳଧାରଣାକୁ ଯାଇଥିଲେ। ଏବେ ସେ ତାଙ୍କର ଦୁଇଟି ଗୋଡ଼ ହରାଇଛନ୍ତି। ସବୁଠାରୁ ଦୁଃଖର କଥା ଏହିକିଯେ ସେ ତାଙ୍କୁ ଏପର୍ଯ୍ୟନ୍ତ ସରକାରୀ ଚିକିତ୍ସା ମିଳିନାହିଁ। ମା'କୁ ସମ୍ମାନ ଦେବା କହୁଥିବା ବିଜେଡ଼ି ଦଳ ମୁଖ୍ୟମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି କୌଣସି ନେତା ଏପର୍ଯ୍ୟନ୍ତ ତାଙ୍କ ଦୁଃଖରେ ଠିଆ ହୋଇନାହାନ୍ତି। ପୋଲିସ ଡିଆଇଜି ଏବଂ ତାଙ୍କ ସ୍ତ୍ରୀଙ୍କ ଉପରେ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ହୋଇପାରିଲା ନାହିଁ। ଏଣୁ ଗୃହବିଭାଗ କିପରି ଚାଲୁଛି ଏବଂ ମୁଖ୍ୟମନ୍ତ୍ରୀ ଗୃହ ବିଭାଗ ଉପରେ କିପରି ନଜର ରଖିଛନ୍ତି ତାହା ସ୍ପଷ୍ଟ ହୋଇପଡ଼ିଛି। ଏହା ବ୍ରିଟିସ ରାଜର କୃରତାକୁ ଟପି ଯାଇଛି। ଏଠି ବାଡ଼ ଫସଲ ଖାଉଥିବା ବେଳେ ପୀଡ଼ିତାର ଦୁଃଖ କିଏ ବୁଝିବ ବୋଲି ସାଧାରଣରେ ଆଲୋଚନା ହେଉଛି। ସରକାରଙ୍କ ପକ୍ଷରୁ ଏହି ଘଟଣାକୁ ଘଂଟ ଘୋଡ଼ାଇବା ପାଇଁ ଉଦ୍ୟମ ଜାରି ରହିଛି। ମାତ୍ର କଂଗ୍ରେସ ପୀଡ଼ିତା ନ୍ୟାୟ ପାଇବା ପର୍ଯ୍ୟନ୍ତ ଛିଡ଼ା ହୋଇ ରହିବ। ଏହି ପ୍ରତିନିଧି ଦଳରେ ଅଖିଳ ଭାରତ ମହିଳା କଂଗ୍ରେସର ସାଧାରଣ ସଂପାଦିକା ସସ୍ମିତା ବେହେରା, ପିସିସି ସାଧାରଣ ସଂପାଦକ ରଶ୍ମି ମହାପାତ୍ର, ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସନିକ ଅଧିକାରୀ ଉଧବ କର, ବିଶ୍ୱନାଥ ଆଚାର୍ଯ୍ୟ, ପିସିସି ସାଧାରଣ ସଂପାଦକ, ପ୍ରକାଶ ମିଶ୍ର, ପିସିସି ଅନୁସୂଚିତ ଜାତି ସେଲର ଅଧ୍ୟକ୍ଷ ବାଙ୍କନିଧି ବେହେରା, ବରିଷ୍ଠ ଆଇନଜୀବି ହଳଧର ସେଠୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିନିଧିମାନଙ୍କ ସହ କୁସୁମ ପ୍ରଧାନ, ଜାନକୀ ମଲ୍ଲିକ, ନିରୁପମା ପାତ୍ର, ନିରୁପମା ଦାସ, କଳ୍ପନା ଦାସ ପ୍ରମୁଖ ରହିଥିଲେ।



## ଚନ୍ଦ୍ରଯାନ-୩ର ସଫଳ ଅବତରଣ

# କିଟ୍ ଓ କିସ୍ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଖୁସିର ଲହରୀ

ଭୁବନେଶ୍ୱର ୨୩।୮: ଚନ୍ଦ୍ରର ଦକ୍ଷିଣ ମେରୁରେ ଚନ୍ଦ୍ରଯାନ-୩ ସଫଳ ଅବତରଣ କରିଛି। ବୁଧବାର ନିର୍ଦ୍ଧାରିତ ସମୟରେ ଏହା ଅବତରଣ କରିଥିବା ବେଳେ ଏହି ପ୍ରକ୍ରିୟାର ସିଧା ପ୍ରସାରଣ ଦେଖିବା ପାଇଁ କିଟ୍ ଓ କିସ୍‌ର ବିଭିନ୍ନ ଅଡିଟୋରିୟମରେ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ଛାତ୍ରଛାତ୍ରୀମାନେ ଏହାର ସିଧା ପ୍ରସାରଣ ଦେଖି କିଟ୍‌ର ୩୦ ହଜାର ଛାତ୍ରଛାତ୍ରୀ ଓ କିସ୍‌ର ୩୦ ହଜାର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବେଶ ଉତ୍ସାହ ଓ ଅନନ୍ଦ ଦେଖିବାକୁ ମିଳିଥିଲା। 'ଭାରତମଗଗଗଗ ଏକ ମଡେଲ ରଖି ଛାତ୍ରଛାତ୍ରୀମାନେ ଠାକୁରଙ୍କ ପୂଜାର୍ଚ୍ଚନା କରିଥିଲେ। ଦେଶର ବୈଜ୍ଞାନିକଙ୍କ ଉପରେ ସମ୍ପୂର୍ଣ୍ଣ ଭରସା ରହିଥିବା ଛାତ୍ରଛାତ୍ରୀମାନେ ପ୍ରକାଶ କରିଥିଲେ। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ପରାମର୍ଶ କ୍ରମେ ଛାତ୍ରଛାତ୍ରୀଙ୍କୁ ଚନ୍ଦ୍ରଯାନ ଅବତରଣର ସିଧା ପ୍ରସାରଣ ପ୍ରଦର୍ଶନର ବନ୍ଦୋବସ୍ତ କରାଯାଇଥିଲା। ଏଥି ପାଇଁ ଛାତ୍ରଛାତ୍ରୀମାନେ ଶ୍ରୀ ସାମନ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।ଗକ

# ବାଲିଘାଟ ନିଲାମ ବନ୍ଦ ପାଇଁ ହାଇକୋର୍ଟରେ ମାମଲା

କୋରେଇ, (ପିଏନ)- ଯାଜପୁର ଜିଲ୍ଲା କୋରାଇ ବ୍ଲକ ମୂଳାପାଳ ପଂଚାୟତ ଅନ୍ତର୍ଗତ ରଣପାଳ ଓ ଧନତ୍ରୀ ମୌଜାର ବୈତରଣୀ ନଦୀରେ ବାଲିଘାଟ ନିଲାମ ପାଇଁ ରାଜସ୍ୱ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ନକରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ତହସିଲଦାରଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ପତ୍ର ମାଧ୍ୟମରେ ଜଣାଇ ଦିଆଯାଇଥିଲା। ପରେ ଦୁଇ ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ବନ୍ଦ କରିବା ନେଇ ଗ୍ରାମବାସୀ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଏନେଇ ଡବ୍ଲୁ. ପି. (ସି) ୨୨୭୨୫ରେ ମାମଲା ରୁଜୁ କରାଯାଇଛି। ବୈତରଣୀ ନଦୀର ଏହି ବାଲିଘାଟ ନିଲାମ ଦ୍ୱାରା ନଦୀବନ୍ଧ ପ୍ରତି ବିପଦ ସହ ବନ୍ୟାପ୍ଲାବିତ ଏହି ପଂଚାୟତର କ୍ଷିରୋ, ସରସଦା ଧନତ୍ରୀ, ଗୋବିନ୍ଦପୁର, ରଣପାଳ ସମେତ ଅନେକ ଗ୍ରାମ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ତେଣୁ ବିପଦ ଦୃଷ୍ଟିରୁ ଏହି ନିଲାମ ବନ୍ଦ କରିବାକୁ ଅଭିଯୋଗରେ ଦର୍ଶାଯାଇଛି। ଏହା ସହିତ ନଦୀ ପଠାରେ ଥିବା ବିଭିନ୍ନ ଦେବାଦେବୀ ମନ୍ଦିର କ୍ଷତିଗ୍ରସ୍ତ ହେବ। ଏନେଇ ରଣପାଳ ଗ୍ରାମର କିଶୋର ଚନ୍ଦ୍ର ପାଳ, କାର୍ତ୍ତିକ ଚନ୍ଦ୍ର ପଣ୍ଡା, ଅଭିମନ୍ୟୁ ପାଳ, ଉପେନ୍ଦ୍ର ବେହେରା, ପ୍ରତାପ ମଲ୍ଲିକ, ଦୁର୍ଗାପ୍ରସାଦ ପଣ୍ଡା ପ୍ରମୁଖ ଓଡିଶା ସରକାର ପଂଚାୟତରାଜ ପ୍ରିନିସପାଲ ସେକ୍ରେଟାରୀ, ରାଜସ୍ୱ ଓ ପ୍ରାକୃତିକ ବିପର୍ଯ୍ୟୟ ପ୍ରିନିସିପାଲ ସେକ୍ରେଟାରୀ, କଲେକ୍ଟର ଯାଜପୁର, ସବକଲେକ୍ଟର ଯାଜପୁର ଓ ତହସିଲଦାରଙ୍କୁ ପକ୍ଷଭୁକ୍ତ କରାଯାଇ ହାଇକୋର୍ଟରେ ମାମଲା ରୁଜୁ କରିଛନ୍ତି। ପରବର୍ତ୍ତି ଶୁଣାଣୀ ପର୍ଯ୍ୟନ୍ତ ନିଲାମ ବନ୍ଦ କରିବାକୁ ହାଇକୋର୍ଟ ଜିଲ୍ଲାପାଳ ଯାଜପୁରଙ୍କୁ ଅବଗତ କରିଛନ୍ତି।

# ଲଟେରୀ ନାମରେ ଗାଁ ଲୋକଙ୍କୁ ଠକେଇ, ୩ ଗିରଫ

ଗଞ୍ଜାମ,(ପି.ଏନ): ଲଟେରୀ ନାମରେ ଗାଁର ନିରୀହ ଲୋକଙ୍କୁ ଠକେଇ ମାମଲାରେ ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ପୋଲିସ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ବାଲେଶ୍ୱର ଜିଲ୍ଲା ଖଇରା ଥାନା ପୁରୁଷୋତମପୁର ଗ୍ରାମର ଚନ୍ଦ୍ରଶେଖର ସାହୁ, ପ୍ରଶାନ୍ତ ସାହୁ ଏବଂ ଖନ୍ତାପଡ଼ା ଥାନା ଅଂଚଳର ସୁଶାନ୍ତ ଦାଶ। ଖଜୁରିପଲ୍ଲୀ ଏବଂ ବି.ତୁରୁଗୁଡି ଗ୍ରାମରେ ଅଭିଯୁକ୍ତ ମାନେ ଗତ କିଛି ଦିନ ହେଲା ଡେରା ପକାଇଥିଲେ। ଲୋକଙ୍କ ଠାରୁ ଟଙ୍କା ଲୁଟିବା ପାଇଁ ଏକ ଲଟେରୀ କମ୍ପାନୀ ଖୋଲି ଟଙ୍କା ଦେଇ ଦାମିକା ଜିନିଷ ନେବାକୁ କହୁଥିଲେ। ପ୍ରଥମେ ଏକ ଲଟେରୀ ଟିକେଟ୍ ମାତ୍ର ୧୦୦ ଟଙ୍କାରେ ବିକ୍ରୀ କରୁଥିଲେ। ଗ୍ରାହକଙ୍କୁ ଟିକେଟ୍ ସ୍କ୍ରାଚ୍ କରିବାକୁ କହି ସେଥିରେ ଲେଖାଥିବା ଯେକୌଣସି ଘରୋଇ ଉପକରଣ ପଙ୍ଖା, ଗ୍ରାଇଣ୍ଡର ଓ ଇଣ୍ଡକସନ୍ ଚୁଲା ଆଦି ପ୍ରଦାନ କରୁଥିଲେ।

# ବିଜୁ ମହିଳା ଜନତା ଦଳ କନ୍ଧମାଳ ପକ୍ଷରୁ ଜିଲା ସ୍ତରୀୟ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ

ଫୁଲବାଣୀ,(ପି.ଏ):ବିଜୁ ମହିଳା ଜନତା ଦଳ କନ୍ଧମାଳ ପକ୍ଷରୁ ଜିଲା ସ୍ତରୀୟ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଫୁଲବାଣି ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକ ରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ବିଜୁ ମହିଳା ଜନତା ଦଳ ର ସଭାନେତ୍ରୀ ତଥା ଅତବୀର ବିଧାୟିକା ସ୍ନେହାଗିନୀ ଛୁରିଆ ଯୋଗଦେଇ କନ୍ଧମାଳ ଜିଲାର ପ୍ରତ୍ୟକ ମହିଳା ମାନେ କିପରି ସମାଜର ମୁଖ୍ୟସ୍ରୋତରେ ସାମିଲ ହେବା ସହ ଆର୍ଥିକ ସ୍ୱାବଲମ୍ବୀ ହୋଇପାରିବ ସେ ନେଇ ବିଜୁ ଜନତା ଦଳର ମହିଳାମାନେ କାମ କରିବାକୁ ଉପଦେଶ ଦେଇଥିଲେ। ଏହା ସହିତ ଜିଲ୍ଲା ରେ ବିଜୁ ମହିଳା ଜନତା ଦଳ ସଂଘଠନକୁ ଆହୁରି ସୃଦୃଢ଼ ହେବ ସେ ନେଇ କାମ କରିବା। ରାଜ୍ୟ ସରକାରଙ୍କ ମହିଳା ମାନଙ୍କ ପାଇଁ କରିଥିବା ବିଭିନ୍ନ ଯୋଜନା ସମ୍ପର୍କରେ କହିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ କନ୍ଧମାଳ ସାଂସଦ ଡ. ଅଚ୍ୟୁତ ସାମନ୍ତ ମହିଳା ମାନଙ୍କ ଆର୍ଥିକ ଅଭିବୃଦ୍ଧି ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନା ଉପରେ ତଥ୍ୟ ରଖିବା ସହିତ ଜିଲ୍ଲା ମହିଳା ସଂଘଠନକୁ ସୁଦୃଢ଼ କରିବାପାଇଁ ଗାଁ ଗାଁ ବୁଲି ଲୋକଙ୍କ ପାଖକୁ ଯିବାକୁ କହିଥିଲେ। ରାଜ୍ୟରେ ଯଦି ଆଜି ଗରିବ କାମୁଛି ତା ପଛରେ ମହିଳା ମାନଙ୍କ ରୋଜଗାର କ୍ଷମ ମୁଖ୍ୟ କାରଣ। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ପର୍ଯ୍ୟବେକ୍ଷକ ତଥା ବିହନ ନିଗମ ର ଅଧ୍ୟକ୍ଷ ବିଜୟ ନାୟକ ମହିଳାମାନେ ଯଦି ଆଜି ସମାଜର ମୁଖ୍ୟ ଧାରାକୁ ଆସି ଆର୍ଥିକ ଅଭିବୃଦ୍ଧି ହୋଇପାରିଛନ୍ତି। ତାର ମୁଖ୍ୟ ମାଧ୍ୟମ ହେଉଛି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କ ନିଷ୍ଠା ଓ ମହିଳା ମାନଙ୍କ ପ୍ରତି ଅଙ୍ଗୀକାର ବଧାତା। ସ୍ୱାସ୍ଥ୍ୟ, ଶିକ୍ଷା ଠାରୁ ଆରମ୍ଭକରି ମହିଳା ମାନେ ସ୍ୱାବଲମ୍ବୀ ହୋଇ ପରିବାର ପୋଷଣରେ ଆଜି ନିଜର ସହଭାଗୀତାକୁ ପ୍ରମାଣ କରି ଦେଖାଇଛନ୍ତି। ସେହିଭଳି ଅନ୍ୟ ମାନଙ୍କ ମଧ୍ୟରେ ଫୁଲବାଣି, ବାଲିଗୁଡା ଓ ଘୁ,ଉଦୟଗିରି ବିଧାୟକମାନଙ୍କ ସହିତ ଏସ.ଡି.ସି ଅଧକ୍ଷ, ବିଜେଡି ଜିଲ୍ଲା ସଭାପତି ସରୋଜ କର୍ଣ, ରାଜ୍ୟ ମହିଳା ସୋସିଆଲ ମିଡିଆ କର୍ଡିଂଏଟେର ମାନସୀ ସାମନ୍ତରାୟ,ରାଜ୍ୟ ସିନିୟର ମହିଳା ଉପ ସଭାପତି ପ୍ରଭାସିନୀ ନନ୍ଦ, ଜୋନାଲ ମହିଳା ବିଜୁ ଜନତା ଦଳ ସଭାପତି ମମତା ବିଶୋଇ ,ଜିଲା ପରିଷଦ ଅଧକ୍ଷା ନନ୍ଦିନୀ କହଁର,ରାଜ୍ୟ ମହିଳା ଉପ ସଭାପତି ତଥା ଖଜୁରିପଡା ବ୍ଲକ ସଭାନେତ୍ରୀ ଅନିମା କହଁର ଜିଲ୍ଲା ପରିସଦ ଉପ ସଭାପତି ସାଧବାଣୀ ନାୟକ ପ୍ରମୁଖ୍ ଉପସ୍ଥିତ ରହି ଉପସ୍ଥିତ ମହିଳା ମାନଙ୍କୁ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ କହିଥିଲେ।

# ସାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ୧୫ ତମ ଶ୍ରାଦ୍ଧବାର୍ଷିକୀ ସଭା



ଫୁଲବାଣୀ: (ସୁର୍ଯ୍ୟ ନାରାୟଣ ବେହେରା)କନ୍ଧମାଳ ଜିଲ୍ଲା ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନ ଠାରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ପନ୍ଦର ତମ ଶ୍ରଦ୍ଧାଞ୍ଜଳି ସଭା ଏକ ଭକ୍ତିପୁତ ପରିବେଶ ମଧ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଆୟୋଜିତ ସଭାରେ ବିଶ୍ୱହିନ୍ଦୁ ପରିଷଦ ର ବିଶ୍ୱହିନ୍ଦୁ ପରିଷଦର କେନ୍ଦ୍ରୀୟ ମାର୍ଗ ଦର୍ଶକ ମଣ୍ଡଳୀ ସଦସ୍ୟ ପୂଜ୍ୟ ସାମୀ ଜୀବନ ମୁକ୍ତାନନ୍ଦ ପୁରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ହିନ୍ଦୁ ଧର୍ମ ଓ ଗୋ ସୁରକ୍ଷା ପାଇଁ ସେ ସର୍ବଦା ସଂଗ୍ରାମ କରି ଆସୁଥିଲେ କ୍ଷ ତାଙ୍କର ଅନୁପସ୍ଥିତି ଆମ ସମସ୍ତଙ୍କ ପାଇଁ ଅପୂରଣୀୟ କ୍ଷତି। ଏଣୁ ସ୍ୱାମୀଜୀଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହେବାପାଇଁ ଆହ୍ୱାନ ଦେଇଥିଲେ।ସେହିପରି ବିଶ୍ୱହିନ୍ଦୁ ପରିଷଦ ପୂର୍ବପ୍ରାନ୍ତ ସଭାପତି ତଥା ପୂର୍ବତନ କୁଳପତି ଡକ୍ଟର ପ୍ରଫୁଲ୍ଲ କୁମାର ମିଶ୍ର ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥ?ବା ବେଳେ ସମ୍ମାନିତ ଅତିଥିଭାବେ ବିଶ୍ୱହିନ୍ଦୁ ପରିଷଦ ପୁର୍ବପ୍ରାନ୍ତ ସଙ୍ଗଠନ ମନ୍ତ୍ରୀ ଶରତ ଚ୍ନ୍ଦ୍ର ପ୍ରଧାନ ବିଶ୍ୱହିନ୍ଦୁ ପରିଷଦ କନ୍ଧମାଳ ଜିଲ୍ଲା କାର୍ଯ୍ୟକାରି ସଭାପତି ଶ୍ରୀଯୁକ୍ତ କାମଦେବ ପ୍ରଧାନ ପ୍ରମୁଖ ଯୋଗ ଦେଇ ସ୍ୱାମୀଜୀଙ୍କ ସ୍ମୃତି ଚ୍ାରଣ କରିଥିଲେ।ଅନ୍ୟ ମାନଙ୍କ ମଧ୍ୟରେ ସଂଘ ଚ୍ାଳକ ରମେଶ ଚ୍ନ୍ଦ୍ର ସାହୁ, ଆଇନଜୀବୀ ରବି ସମ୍ପାଦକ ନାରାୟଣ ପାତ୍ର, ପ୍ରିୟ ନାଥ ଶର୍ମା କାର୍ଯ୍ୟକ୍ରମ ସୂଚ୍କ, ପ୍ରିୟ ରଞ୍ଜନ ଚୌଧୁରୀ ଏକଲ ଅଭିଯାନ ର ଉପସଭାପତି, ଆଇନଜିବି ଭଗବାନ ମହାନ୍ତି, ରମେଶ ଚ୍ନ୍ଦ୍ର ମହାନ୍ତି, ପରେଶ ମହାପାତ୍ର, ଶିବାସିସ ପଣ୍ଡା ଙ୍କ ସମେତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ବିଏଚ୍‌ପି, ଓ ଏବିଭିପି, ବିଜେପି କର୍ମୀ ଓ ଅନ୍ୟମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ।




ଖେଳ

ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ

Bhubaneswar Thursday August 24, 2023 ଭୁବନେଶ୍ୱର ଗୁରୁବାର, ଅଗଷ୍ଟ ୨୪,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com 

## ସୁନାବେଡା ମହିଳା ମହାବିଦ୍ୟାଳୟ ଠାରେ ନବାଗତ ଛାତ୍ରୀ ମାନଙ୍କୁ ସ୍ୱାଗତ ସମର୍ଦ୍ଧନା

ସେମିଳିଗୁଡ,(ପି.ଏନ) : ସୁନାବେଡା ମହିଳା ମହାବଦ୍ୟାଳୟ ଠାରେ ନବାଗତା ଛାତ୍ରୀ ମାନଙ୍କୁ ସ୍ୱାଗତ ସମର୍ଦ୍ଧନା ଦିଆଯାଇଛି। ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡଃ ଉମାଶଙ୍କର ପ୍ରସାଦ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ରୀ ମାନଙ୍କୁ ନୂତନ ଜ୍ଞାନ କୌଶଳ ଦ୍ୱାରା କିପରି ଶିକ୍ଷା ଗ୍ରହଣ କରାଯାଇପାରିବ ସେଥିପ୍ରତି ଅବଗତ କରାଇଥିଲେ।ଅଧକ୍ଷା ଉଷାରାଣୀ ଦାସ ସଭାକାର୍ଯ୍ୟ ପରିଚାଳନା କରିବା ସହ ଛାତ୍ରୀ ମାନଙ୍କୁ ସ୍ୱାଗତ ଜଣାଇବା ସହ ଜୀବନର ଲକ୍ଷ୍ୟ ନିର୍ଦ୍ଧାରଣ କରି ସେହି ଲକ୍ଷ୍ୟ ହାସଲ କରିବା ପାଇଁ ନିଜକୁ ବ୍ରତୀ କରିବା ପାଇଁ ଆହ୍ୱାନ ଦେବା ସହ ପାଠ୍ୟକ୍ରମ ବ୍ୟତୀତ ଅନ୍ୟ ସମସ୍ତ ସାମାଜିକ କାର୍ଯ୍ୟକ୍ରମ ରେ ଯୋଗ ଦେଇ ନିଜକୁ ପ୍ରତିପାଦନ କରିବା ପାଇଁ ପ୍ରେରଣା ଦେଇଥିଲେ।ଅଧାପିକା ବାସନ୍ତି ପଟ୍ଟନାୟକ




ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ଅଧାପକ ଡଃ ବାସୁଦେବ ସାହୁ, ଅଧାପିକା ସୁଶ୍ରୀ ଶୁଭଶ୍ରୀ ପରିଡ଼ା, ଡେମୋନଷ୍ଟ୍ରେଟର ଲକ୍ଷ୍ମୀ ପ୍ରିୟା ଚୌଧୁରୀ ସଭାରେ ଯୋଗଦେଇ ନୂତନ ଛାତ୍ରୀ ଙ୍କୁ ସ୍ୱାଗତ ଜଣାଇ ଥିଲେ।ଶେଷରେ ଅଧାପିକା ସରିତା ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

## ମନ୍ଦିରରେ ବ୍ୟବସାୟୀଙ୍କ ଆତ୍ମହତ୍ୟା

ନିମାପଡ଼ା,(ପି.ଏନ): ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ ତୁଳସୀପୁର ପଞ୍ଚାୟତ ର ପ୍ରସିଦ୍ଧ ଶୈବପୀଠ ଅମରେଶ୍ୱର ମନ୍ଦିର ରେ ଜଣେ ବ୍ୟବସାୟୀ ଆତ୍ମହତ୍ୟା କରିବା ଘଟଣା ଏବେ ସମଗ୍ର ଅଞ୍ଚଳ ରେ ଚର୍ଚ୍ଚା ର ବିଷୟ ପାଲଟିଛି। ଅମରେଶ୍ୱର ମନ୍ଦିର ର ପୂଜକ ଆଜି ସକାଳେ ମନ୍ଦିର କୁ ପୂଜା କରିବାକୁ ଯାଇଥିବାବେଳେ ମୁଖ୍ୟମନ୍ଦିର ର ପାଶ୍ୱ ଦେବତା ହରପାର୍ବତୀ ଙ୍କ ମନ୍ଦିର ଗ୍ରିଲ ରେ ଜଣେ ବ୍ୟକ୍ତି ଙ୍କ ଶବ ଝୁଲୁଥିବା ଦେଖିଥିଲେ। ପୂଜକ ସମିତି ପକ୍ଷରୁ ପୋଲିସ କୁ ଖବର ଦିଆଯିବା ପରେ ଚାରିଛକ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମୃତକ ଙ୍କ ପରିଚୟ ମିଳିଛି। ସେ ହେଉଛନ୍ତି କଟକ ଜିଲ୍ଲା ନିଆଳି ଥାନା ବିନିଶିପୁର ପଞ୍ଚାୟତ ବଢେଇ ପାଟଣା ଗ୍ରାମର ଶ୍ୟାମ ମାଣିକ (୪୬)।ପୋଲିସ ଶବ କୁ ଜବତ କରି ବ୍ୟବଚ୍ଛେଦ ପାଇଁ ଚାରିଛକ ସ୍ୱାସ୍ଥ୍ୟ କେନ୍ଦ୍ର କୁ ପଠାଇବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।ମୃତକ ଶ୍ୟାମ କାକଟପୁର ବ୍ଲକ ଛକ ଠାରେ କବାଡ଼ିଆ ଦୋକାନ କରିଛନ୍ତି।ତାଙ୍କ ର ଦୁଇଟି ପୁଅ ଅଛନ୍ତି। ସେ କାହିଁକି ଆତ୍ମହତ୍ୟା କଲେ ସ୍ପଷ୍ଟ ହୋଇପାରିନାହିଁ। ତେବେ ବ୍ୟବସାୟିକ କ୍ଷତି କାରଣ କୁ ନେଇ ସେ ଆତ୍ମହତ୍ୟା କରିଥାଇପାରନ୍ତି।ପୋଲିସ ତଦନ୍ତ ପରେ ତାଙ୍କ ଆତ୍ମହତ୍ୟାର କାରଣ ସ୍ପଷ୍ଟ ଜଣାପଡ଼ିବ।

## ଚନ୍ଦ୍ରଯାନ-୩ ସଫଳତା ପାଇଁ ପ୍ରାର୍ଥନା

ଭୁବନେଶ୍ୱର,(ପି.ଏନ): ୨୦୧୯ ମସିହା ଜୁଲାଇ ୨ ତାରିଖରେ ଚନ୍ଦ୍ରାୟାନ-୨ ମିଶନ ଆରମ୍ଭ ହୋଇଥିଲା। ବିକ୍ରମ ଲ୍ୟାଣ୍ଡର ଚନ୍ଦ୍ରର ଦକ୍ଷିଣ ମେରୁ ଅଞ୍ଚଳରେ ଅବତରଣ କରିବା ସମୟରେ ହୋଇଥିଲା ଦୁର୍ଘଟଣା ତେବେ ଏହା ପରେ ରାଡରରୁ ବିଚ୍ଛିନ୍ନ ହୋଇଯାଇଥିଲା। ତେବେ ଚନ୍ଦ୍ରଜାନ୍-୨ର ବିଫଳତା ପରେ ଚନ୍ଦ୍ରଯାନ-୩ କିପରି ଭାବରେ ସଫଳତା ହାସଲ କରିପାରିବ ସେଥିପାଇଁ କଠୋର ପରିଶ୍ରମ କରିଛନ୍ତି ଅନେକ କର୍ମଚାରୀ ଆଉ ବୈଜ୍ଞାନିକ ତେବେ ଏହି ଯାନ ର



ସଫଳତା କାମନା ପାଇଁ ଆଜି ପୁରା ଭାରତରେ ଖୁସିର ଲହରୀ ଖେଳିବାକୁ ଯାଉଛି ଆଉ କେତେକ ସ୍ଥାନରେ ଠାକୁରଙ୍କ ଠାରେ ପୂଜାର୍ଚ୍ଚନା ବି ଚାଲିଛି ତାର ସଫଳତା ପାଇଁ ।

## ସଂଭାବନା ଓଡ଼ିଆଣୀ ସମିତିର ସମ୍ମିଳନୀ ଅନୁଷ୍ଠିତ

ଭୁବନେଶ୍ୱର ,(ପି.ଏନ): ସଂଭାବନା ଦ୍ୱାରା ଆୟୋଜିତ ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତାର ପ୍ରତିଯୋଗୀମାନଙ୍କୁ ନେଇ ମୁଖ୍ୟତଃ ଗଠିତ ହୋଇଥିବା ସଂଭାବନା ଓଡ଼ିଆଣୀ ସମିତିର ସପ୍ତଦଶ ବାର୍ଷିକ ସମ୍ମିଳନୀ ଆଜି ହୋଟେଲ ଓ'କରିମ୍ ଠାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆଣୀ ସମିତିର ସଭାନେତ୍ରୀ ଶ୍ରୀମତୀ ସୌଦାମିନୀ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ ସଂଭାବନାର ସଂପାଦକ ଦେବ ପ୍ରସାଦ ପରିଜା,ଚ୍ରଷ୍ଟି ସ୍ମୃତି ମହାନ୍ତି ପ୍ରମୁଖ ଉପସ୍ଥିତ ରହିବା ସହ ବାର୍ଷିକ ବିବରଣୀ ଉପସ୍ଥାପିତ କରାଯାଇଥିଲା। ଇତି ମଧ୍ୟରେ ଅନୁଷ୍ଠିତ ଓଡ଼ିଆଣୀ ସମିତିର ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ବିସ୍ତୃତ ଆଲୋଚନା ହେବା ସହିତ ସଂଭାବନା ପକ୍ଷରୁ ଚଳିତ ବର୍ଷକୁ ଓଡ଼ିଆ ନିମନ୍ତ୍ରଣ ପତ୍ର ଓ ନାମ ଫଳକ ବର୍ଷ ଭାବେ ପାଳନ ପରିପ୍ରେକ୍ଷୀରେ ଏହାକୁ ବ୍ୟପକ କରିବା ପାଇଁ ସ୍ଥିର କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଓଡ଼ିଆଣୀ ସମିତିର ସଂପାଦିକା ଅରୁନ୍ଧତୀ ମିଶ୍ର, ଉପସଭାନେତ୍ରୀ ରଶ୍ମି ସାହୁ, ମୀନା ପାଣିଗ୍ରାହୀ, ଯୁଗ୍ମ ସଂପାଦିକା ସୌଭାଗ୍ୟଲକ୍ଷ୍ମୀ ମହାନ୍ତି,ସୌଦାମିନୀ ମହାନ୍ତି ପ୍ରମୁଖ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁଜାତା ପାତ୍ର, ଶ୍ୱେତପଦ୍ମା ମିଶ୍ର,ରଶ୍ମିତା ରଥ, ବୈଜୟନ୍ତୀ ଦାସ, ଲକ୍ଷ୍ମୀପ୍ରିୟା ତ୍ରିପାଠୀ, ମୀନାକ୍ଷୀ ପଟ୍ଟନାୟକ, ଇତିଶ୍ରୀ ମିଶ୍ର ପ୍ରମୁଖ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ।ସଂଭାବନାର ସଂପାଦକ ଦେବ ପ୍ରସାଦ ପରିଜାଙ୍କ ସମେତ ବହୁ ବକ୍ତା ଓଡ଼ିଆଣୀ ସମିତିର ସଭ୍ୟା ସଂଖ୍ୟା ବୃଦ୍ଧି ଓ ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ତଥା ଐତିହ୍ୟର ସୁରକ୍ଷା ପାଇଁ ସମସ୍ତେ ଅଧିକ ଉଦ୍ୟମ କରିବାକୁ ନିବେଦନ କରିଥିଲେ। ଓଡ଼ିଆଣୀ ସମିତିର ବାର୍ଷିକ ମୁଖପତ୍ର ଓ ତ୍ରୈମାସିକ ସମ୍ବାଦ ପତ୍ର,(ନ୍ୟୁଜ ଲେଟର) ପ୍ରକାଶ ପାଇଁ ନିଷ୍ପତ୍ତି ହୋଇଥିଲା। ବିଭିନ୍ନ ବର୍ଷର ଶ୍ରେଷ୍ଠ ଓଡ଼ିଆଣୀ ଡ.ସୁଜାତା ମହାନ୍ତି,ନିବେଦିତା ମଲ୍ଲିକ,ବିଜୟଲକ୍ଷ୍ମୀ ଶା,ମଧୁସ୍ମିତା ଦାସ,ମୀନା ପାଣିଗ୍ରାହୀ, ରଶ୍ମି ସାହୁ, ସୌଭାଗ୍ୟଲକ୍ଷ୍ମୀ ମହାନ୍ତିଙ୍କ ସମେତ ସଂଧ୍ୟା ରଥ, ପଦ୍ମାଳୟା ଶତପଥି, ଜ୍ୟୋତ୍ସ୍ନା ମିଶ୍ର, ରେଖା ସାହୁ,ସୌଦାମିନୀ ମହାନ୍ତି, ରତ୍ନମରୀ ସାମନ୍ତରାୟ, ଜ୍ୟୋତ୍ସ୍ନାମୟୀ ସେନାପତି,ବିଜୟଲକ୍ଷ୍ମୀ ପତି,ଅସ୍ମିତା ପାଣିଗ୍ରାହୀ,ବିଷ୍ଣୁପ୍ରିୟା ମିଶ୍ର,ବେବିରାଣୀ ସାହୁ,ତୁଳସୀ ମହାନ୍ତି,ପାର୍ବତୀ ମହାନ୍ତି, ବନଜା ମହାପାତ୍ର, ବିଦ୍ୟୁଲତା ବେହେରା, ଜୟଶ୍ରୀ ମିଶ୍ର,କାଦମ୍ବିନୀ ପାଳ,ମମତା ଦାସ,ସଂଧ୍ୟାରାଣୀ ସିଂ,ସୁପ୍ରିୟା ମହାନ୍ତି ପ୍ରମୁଖ ଅଂଶଗ୍ରହଣ କରିଥିଲେ।ଚଳିତ ବର୍ଷ ପାଇଁ ସୌଦାମିନୀ ସାମଲ ସଭାନେତ୍ରୀ, ମୀନା ପାଣୀଗ୍ରାହୀ ଉପସଭାନେତ୍ରୀ ଭାବେ ପୁନଃ ନିର୍ବାଚିତା ହୋଇଥିବା ବେଳେ ସଂପାଦିକା ଭାବେ ରେଖା ସାହୁ ଓଯୁଗ୍ମ ସଂପାଦିକା ଭାବେ ଜ୍ୟୋସ୍ନାମୟୀ ସେନାପତି ନୂତନ ଭାବେ ନିର୍ବାଚିତା ହୋଇଛନ୍ତି। ସେହିପରି ରାଜଶ୍ରୀ ଶତପଥି କୋଷଧକ୍ଷା ଭାବେ ପୁନଃ ଦାୟିତ୍ୱ ଗ୍ରହଣ କରିଥିବା ବେଳେ ସୌଭାଗ୍ୟଲକ୍ଷ୍ମୀ ମହାନ୍ତି ସଂଗଠନ ସଂପାଦିକା ଓ ରଶ୍ମି ସାହୁ ସାହିତ୍ୟ ସଂପାଦିକା ଭାବେ ପ୍ରଥମ ଥର ପାଇଁ ସର୍ବ ସମ୍ମତି କ୍ରମେ ନିର୍ବାଚିତା ହୋଇଥିଲେ। ସେହିଭଳି କାର୍ଯ୍ୟକାରୀ ସମିତିକୁ ସଭ୍ୟା ଭାବେ ଜୟଶ୍ରୀ ମଶ୍ର,ମୀନାକ୍ଷୀ ପଟ୍ଟନାୟକ,ସୁଜାତା ପାତ୍ର ଓ ରଶ୍ମିତା ରଥ ନିର୍ବାଚିତା ହୋଇଥିଲେ।

## ପଦ୍ମଗିରି ହାଇସ୍କୁଲରେ ଉଦଘାଟନ ହେଲା ମୋ ସ୍କୁଲ ହକି କ୍ଲବ୍ - ୨୩

ମାଲକାନଗିରି , (ପି.ଏନ): ରାଜ୍ୟ କ୍ରୀଡା ଓ ଯୁବସେବା ବିଭାଗ ହକିର ପ୍ରଚାର ପ୍ରସାର ପାଇଁ ଏକ ଅଗ୍ରଣୀ ରାଜ୍ୟ ଭାବେ କାର୍ଯ୍ୟ କରୁଛନ୍ତି। ଜିଲ୍ଲା ସ୍ତରରେ ମଧ ଯୁବଗୋଷ୍ଠୀଙ୍କ ମଧ୍ୟରେ ହକି ଖେଳ ପ୍ରତି ଆଗ୍ରହ ବୃଦ୍ଧି କରିବା ପାଇଁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି। ଏହି ପରିପ୍ରେକ୍ଷୀରେ ଆଜି ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ବିଶାଲ ସିଂଙ୍କ ତତ୍ତ୍ୱାବଧାନରେ ଜିଲ୍ଲା କ୍ରୀଡା ବିଭାଗ ଆନୁକୂଲ୍ୟରେ ପଦ୍ମଗିରି ଏସଏସଡି ହାଇସ୍କୁଲ ଠାରେ ମୋ ସ୍କୁଲ୍ ହକି କ୍ଲବ୍ -୨୩ ଶିବିର ଆୟୋଜନ କରାଯାଇଛି।ଏହି ଶିବିରକୁ ଜିଲ୍ଲା କ୍ରୀଡା ଅଧିକାରୀ ଧ୍ରୁବ ଚରଣ ମୁଦୁଲି ଉଦଘାଟନ କରି କହିଥିଲେ ଯେ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କର ସର୍ବାଙ୍ଗୀନ ବିକାଶ ନିମନ୍ତେ ଦୈନନ୍ଦିନ ଜୀବନରେ କ୍ରୀଡାର ଆବଶ୍ୟକତା ରହିଛି। ତେଣୁ ପ୍ରତ୍ୟେକ ଛାତ୍ରଛାତ୍ରୀ କୌଣସି ଏକ କ୍ରୀଡା ପ୍ରତି ରୁଚି ରଖିବା ଆବଶ୍ୟକ ଯାହା ସେମାନଙ୍କର ବୌଦ୍ଧିକ, ମାନସିକ ଏବଂ ଶାରିରୀକ ବିକାଶରେ ସହାୟକ ହୋଇଥାଏ। ଏହା ସହ ରାଜ୍ୟ ସରକାର ଜିଲ୍ଲା ଏବଂ ତୃଣମୂଳ ସ୍ତରରେ ସୃଷ୍ଟି କରିଥିବା ବିଭିନ୍ନ କ୍ରୀଡା ଭିତ୍ତିଭୂମି ଓ ଯୋଜନା ବିଷୟରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ନିୟୋଜନ ଅଧିକାରୀ, ମନସ୍ୱି ସେଠୀ, ପଦ୍ମଗିରି ସରପଞ୍ଚ, ସୁନାଧର ମାଡକାମି, ଅଭିଭାବକ ସଂଘର ସଭାପତି, କୃଷ୍ଣ ଚନ୍ଦ୍ର ମାଡକାମୀ ଓ ଜିଲ୍ଲା ହକି ସଂଘର ସଦସ୍ୟ ଉପସ୍ଥିତ ଥିଲେ। ସୂଚନା ଥାଉ କି, ପଦ୍ମଗିରି ଏସଏସଡି ହାଇସ୍କୁଲ ଜିଲ୍ଲା ନିମନ୍ତେ ମୋ ସ୍କୁଲ ହକି କ୍ଲବ୍ -୨୩ ର ନୋଡାଲ ସ୍କୁଲ୍ ରହିଛି। ମୋ ସ୍କୁଲ ହକି କ୍ଲବ୍ -୨୩ ର ଉଦ୍ଦେଶ୍ୟ ହେଉଛି ଛାତ୍ରଛାତ୍ରୀଙ୍କ ମଧ୍ୟରେ ହକି ଖେଳ ପ୍ରତି ଆଗ୍ରହ ବୃଦ୍ଧି କରିବା ସହ ଏହି ଖେଳ ବିଷୟରେ ସେମାନଙ୍କୁ ଅବଗତ କରାଇବା। ସେପ୍ଟେମ୍ବର ୨୦୨୩ ରେ ରାଜ୍ୟ ସରକାର ଉଭୟ ପୁରୁଷ ଏବଂ ମହିଳା ବର୍ଗ ଓଡ଼ିଶା ହକି ଚମ୍ପିୟାନସିପ -୨୩ ଆୟୋଜନ କରିବାକୁ ଯାଉଛନ୍ତି। ଏହି ପରିପ୍ରେକ୍ଷୀରେ ମଧ ଜିଲ୍ଲାର ଛାତ୍ରଛାତ୍ରୀଙ୍କୁ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଅବଗତ କରାଯାଇଛି। ଆଜିର ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ପ୍ରାୟ ୧୦୦ ଜଣ ଉଭୟ ବାଳକ ଓ ବାଳିକା ଏହି ଶିବିରରେ ଯୋଗ ଦେଇଛନ୍ତି। ସେହିପରି ବିଗତ



ଓଡ଼ିଶା ହକି ଚାମ୍ପିୟନସିପ -୨୨ ରେ ମାଲକାନଗିରି ଜିଲ୍ଲାର ମହିଳା ବର୍ଗରେ ମମତା ମାଡକାମୀ ଓ ପୁରୁଷ ବର୍ଗରେ କେଶବ ମାଢିଙ୍କର ଉଚ୍ଚକୋଟୀର କ୍ରୀଡା ପ୍ରଦର୍ଶନ ନିମନ୍ତେ ସେମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ସେହିପରି ପଦ୍ମଗିରି ଏସଏସଡି ହାଇସ୍କୁଲର ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ, ଅକ୍ଷୟ କୁମାରଙ୍କୁ ହକି ଖେଳ ପ୍ରତି ଅବଦାନ ଯୋଗୁଁ ସମ୍ବର୍ଦ୍ଧନା କରାଯାଇଛି।

### ରମେଶଙ୍କ ଚିକିତ୍ସା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ୧୦ ହଜାର ଟଙ୍କା ସହାୟତା

ପୁରୀ, (ପି.ଏନ): ଚିକିତ୍ସା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ୧୦ ହଜାର ଟଙ୍କା ସହାୟତା କରାଯାଇଛି। ଚନ୍ଦନପୁର ଚାଳିଶି ବାଟିଆ ପଂଚାୟତ ପିତେଇପୁର ଗ୍ରାମର ନିଆଳୀ ମାଣ୍ଡିଆଙ୍କ ପୁତ୍ର ରମେଶ ଦୁରାରୋଗ୍ୟ କ୍ୟାନ୍ସରରେ ପୀଡ଼ିତ ଥିବା ନେଇ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ଆଜି ପୂର୍ବାହ୍ନରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ ରମେଶଙ୍କ ଅବସ୍ଥା ସମ୍ପର୍କରେ ସୂଚନା ପାଇବା ପରେ ତୁରନ୍ତ ରେଡକ୍ରସ ପାଣ୍ଠିରୁ ଦଶ ହଜାର ଟଙ୍କା ମଞ୍ଜୁର କରିଥିଲେ।

## ବଦଳିବ ଧଣ୍ଡାମୁଣ୍ଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ରୂପ

ଖପ୍ରାଖୋଲ,(ଭୋଜରାଜ ବରିହା) : ଖପ୍ରାଖୋଲ ବ୍ଲକ୍ ଧଣ୍ଡାମୁଣ୍ଡା ଠାରେ ଥିବା ଜବାହାର ଲାଲ ନେହେରୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ରୂପାନ୍ତରଣ ପାଇଁ ସରକାର ଅର୍ଥ ମଞ୍ଜୁର କରିଥିବା ଜଣାଯାଇଛି। ଏନେଇ ପାଟଣାଗଡ ଉପ ଜିଲ୍ଲାପାଳ ଡ଼ ବିଜୟାନନ୍ଦ ସେଠୀ ବିଦ୍ୟାଳୟ ରେ ପହଞ୍ଚି ବିଦ୍ୟାଳୟ ର ଭିତ୍ତଭୂମି ଦେଖିବା ସହ ଇ ଗ୍ରନ୍ଥାଗାର, ସ୍ମାର୍ଟ ଶ୍ରେଣୀ କୋଠରୀ, ଶ୍ରେଣୀ କୋଠରୀ ଆଦି ରୂପାନ୍ତରଣ ଉପରେ ବିଦ୍ୟାଳୟ ଅଧକ୍ଷ ଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ବିଡ଼ିଓ ବିଜୟ କୁମାର ହୋତା, ତହସିଲ ଦାର



ଆଦିତ୍ୟ ପ୍ରସାଦ ମିଶ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ଇ କୁଳମଣି ଭୋଇ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ଭୁବନେଶ୍ୱର ପୁରୋହିତ, ଅଧାପକ ନବୀନ କୁମାର ବାରିକ, ରବୀନ୍ଦ୍ର ଜାରିକା, ରାଜେଶ୍ କୁମାର ମିଶ୍ର, ମୁରାରୀ ମେହେର, ମନବୋଧ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।

## ସେଣ୍ଟ୍ ପିଟସର୍ବବର୍ଗରେ ଆର୍କଟେକ୍ ଡାଟା ପ୍ରତିଯୋଗିତା ଆର୍କଟିକ ପାଇଁ ସର୍ବୋତ୍ତମ ଡିଜିଟାଲ ସେବା ଉତ୍ପାଦ ନିର୍ଦ୍ଧାରଣ କରିଛି

ନୂଆଦିଲ୍ଲୀ,(ପି.ଏନ): ସେଣ୍ଟ୍ ପିଟର୍ସବର୍ଗଠାରେ ଚଳିତ ମାସ ୧୧ ତାରିଖରେ ଆର୍କଟେକ୍ ଡାଟା ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଆର୍କଟିକ ପରିଷଦର ଅଧ୍ୟକ୍ଷ ଭାବରେ ରୁଷିଆ ୨୦୨୧ରୁ ୨୦୨୩ ପର୍ଯ୍ୟନ୍ତ ଦାୟିତ୍ୱ ନିର୍ବାହ କରୁଥିବା ଅବସରରେ ଏହାର ରୋସ୍‌କଂଗ୍ରେସ ଫାଉଣ୍ଡେସନ ପକ୍ଷରୁ ଆୟୋଜନ କରାଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ୨୦୨୩ ଆର୍କଟିକ୍ ଟେକ୍‌ନୋଲୋଜି କଣେଷ୍ଟ (ଆର୍କଟେକ୍)ର ଏକ ଅଂଶ ଭାବରେ ଏହା ଅନୁଷ୍ଠିତ ହୋଇଥିଲା। ଏଥିରେ ଆର୍କଟିକ୍‌ରେ ଖଣି ଖନନ ଜନିତ ଆପଦ ସମ୍ପର୍କରେ ତର୍ଜମା କରିବା, ଭିତ୍ତିଭୂମି ବିକାଶ ନିମନ୍ତେ ପର୍ଯ୍ୟଟନ ଚାହିଦାର ସୁଯୋଗ ଆଦି ପ୍ରକଳ୍ପ ସାମିଲ ଥିଲା। ଏଥିରେ ଇଷ୍ଟର୍ଣ୍ଣ ଷ୍ଟେଟ୍ ପ୍ଲାନିଂ ସେଣ୍ଟର ଡାଇରେକ୍ଟର ମିଖାଇଲ କୁଜନେସୋଭ ଯୋଗଦେଇ କହିଥିଲେ, ଜଣେ ଯାହା ସମ୍ପୂର୍ଣ୍ଣ ଠିକ୍ ଭାବରେ ବୁଝିପାରିବେ ଏବଂ ବିଶ୍ଳେଷଣ କରିପାରିବେ, ତାହାକୁ ସୁଚାରୁ ରୂପେ ପରିଚାଳନା କରିପାରିବେ। ସେଥିପାଇଁ ତାଙ୍କୁ ଡାଟା ପରିଚାଳନାରେ ଦକ୍ଷ ହେବାକୁ ପଡିବ। ସେହି ଉଦ୍ଦେଶ୍ୟରେ ଆର୍କଟେକ୍ ଡାଟା ପ୍ରତିଯୋଗିତା ଆୟୋଜନ କରାଯାଇଛି। ଏଥିରେ ବାସ୍ତବ ଜୀବନରେ ବିଭିନ୍ନ ସମାଧାନର ପ୍ରୟୋଗାତ୍ମକ ଦିଗ ସମ୍ପର୍କରେ ମୂଲ୍ୟାୟନ କରାଯାଇଥିଲା। ଏ କ୍ଷେତ୍ରର ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସର ବ୍ୟବହାର, ପ୍ରତିଯୋଗୀଙ୍କ ଦ୍ୱାରା ବିକଶିତ ସେବା ବ୍ୟବହାର ସୁଗମତା ଏବଂ ଦଳଗୁଡିକ ଯାହା ଆରମ୍ଭ କରିଛନ୍ତି ତାହା ପ୍ରଚଳନ କରିବା ଦିଗରେ ସେମାନଙ୍କ ସମ୍ମତି ଆଦିକୁ ନେଇ ବିଜେତାଙ୍କୁ ମନୋନୀତ କରାଯାଇଥିଲା। ଏହି ପ୍ରତିଯୋଗିତାରେ ୧୧୦ରୁ ଉତ୍ପାଦ ଏବଂ ଆଇଟି ଦଳ ଅଂଶଗ୍ରହଣ କରିଥିଲେ। ଆର୍କଟିକ ପରିବେଶ, ଆର୍କଟିକ ପର୍ଯ୍ୟଟନ ଏବଂ ଆର୍କଟିକ ସହରିକରଣ ଆଦି ଦୀର୍ଘସ୍ଥାୟୀ ବିକାଶର ତିନିଟି ସ୍ତମ୍ଭର ଅଂଶବିଶେଷ ଭାବରେ ଡିଜିଟାଲ ସେବାଗୁଡିକର ବିକାଶ ନିମନ୍ତେ ଅଂଶଗ୍ରହଣକାରୀ ମାନେ ଦୁଇମାସ ବିତାଇଥିଲେ। ଏହି ତିନିଟି ବର୍ଗ ମଧ୍ୟରୁ ପ୍ରତ୍ୟେକ ବର୍ଗର ବିଜେତା ପ୍ରକଳ୍ପକୁ ପୁନଃ ବିକାଶ ସମାଧାନ ନିମନ୍ତେ ପାଣ୍ଠି ଯୋଗାଇ ଦିଆଯାଇଥିଲା। ପ୍ରଥମ ସ୍ଥାନ ନିମନ୍ତେ ୫ ଲକ୍ଷ ରୁବଲ୍, ଦ୍ୱିତୀୟ ୩ ଲକ୍ଷ ୫୦ ହଜାର ରୁବଲ୍ ଏବଂ ତୃତୀୟ ସ୍ଥାନ ପାଇଁ ୧ ଲକ୍ଷ ୫୦ ହଜାର ରୁବଲ୍ ପୁରସ୍କାର ପାଣ୍ଠି ଆକାରରେ ପ୍ରଦାନ କରାଯାଇଥିଲା। ରୁଷିଆ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ସ୍ୱତନ୍ତ୍ର ରାଷ୍ଟ୍ରଦୂତ ତଥା ବରିଷ୍ଠ ଆର୍କଟିକ ଅଧିକାରୀ ପରିଷଦର ଅଧ୍ୟକ୍ଷ ନିକୋଲେ କୋରଚୁନୋଭ କହିଥିଲେ, ସମ୍ପ୍ରତି ବର୍ଦ୍ଧିତ ଚାହିଦା ରହିଥିବା ଇନିୟରିଂ ପରିଚାଳନାରଏକ ଶାଖା ବିକଶିତ କରିବାକୁ ଆର୍କଟେକ୍ ପ୍ରତିଯୋଗିତା ସୁଯୋଗ ଯୋଗାଇ ଦେଇଛି। ଆର୍କଟିକ ପରିବେଶ ବର୍ଗରେ ସାମିଲ ହୋଇଥିବା ଦଳଗୁଡିକ ଖଣି ଖନନ ସହିତ ଜଡିତ ଆପଦଗୁଡିକର ବିଶ୍ଳେଷଣ ନିମନ୍ତେ ବ୍ୟବସ୍ଥାର ବିକାଶ କରିଥିଲେ। ତାହାସହିତ ସେମାନେ ଆର୍କଟିକରେ ବର୍ଜ୍ୟବସ୍ତୁ ସଂଗ୍ରହ ସୁବିଧା ଅଥବା ପ୍ରଦୂଷଣ ନିରୀକ୍ଷଣକାରୀ ସ୍ଥଳ ଉପରେ ନିରୀକ୍ଷଣ ରଖିବା ସ୍ତର ଶୀର୍ଷରେ ପହଞ୍ଚାଇବା ନିମନ୍ତେ ସେବାର ବିକାଶ କରିଥବଲେ। ଏଥବରେ ଏସ୍‌ଆର ଟିମ୍‌କୁ ସର୍ବୋତ୍ତମ ବିବେଚନା କରାଯାଇଥିଲା। ସେହିଭଳି ଆର୍କଟିକ ପର୍ଯ୍ୟଟନ ବର୍ଗରେ ହ୍ୱାଇଟ୍ ହୋରାଇଜନ୍ ଡିଜିଟାଲ ସର୍ଭିସ୍ ଶ୍ରେଷ୍ଠ ତଥା ଆର୍କଟିକ ସହରିକରଣ ବିଭାଗରେ ଡିପାର୍ଟମେଣ୍ଟ ଟିମ୍ ଶ୍ରେଷ୍ଠ ବିବେଚିତ ହୋଇଥିଲେ। ପ୍ରତିଯୋଗିତାର ଚୂଡାନ୍ତ ପର୍ଯ୍ୟାୟ ସେଣ୍ଟ ପିଟର୍ସବର୍ଗ ଷ୍ଟେଟ୍ ୟୁନିଭରସିଟି ଅନ୍ତର୍ଗତ ଗ୍ରାଜୁଏଟ୍ ସ୍କୁଲ ଅଫ ମ୍ୟାନେଜମେଣ୍ଟର ମିଖାଇଲୋଭସ୍କାୟା ଦାଚା କ୍ୟାମ୍ପସ୍‌ରେ ଆୟୋଜିତ ହୋଇଥିଲା। ରୁଷିଆର ସୁଦୂର ପ୍ରାଚ୍ୟ ବିକାଶ ମନ୍ତ୍ରଣାଳୟ ଏବଂ ଆର୍କଟିକ୍ ଆଣ୍ଡ ଇଷ୍ଟର୍ଣ୍ଣ ଷ୍ଟେଟ୍ ପ୍ଲାନିଂ ସେଣ୍ଟର ପକ୍ଷରୁ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V
25% reservation as per RTE Act (2009)



TUITION CLASSES
for Std I to Std V
Timing: 5 PM to 6.30 PM

FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751010 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray